## ସଂକ୍ଷେପରେ

### ଭାଇଚାରା, ସଂସ୍କୃତିକୁ ଉଜ୍ଜୀବିତ କରିଥାଏ ମହୋତ୍ସବ

ବେଗୁନିଆ,୨୭।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡ଼ା ଗ୍ରାମସ୍ଥିତ ଆଞ୍ଚଳିକ ପଲ୍ଲୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଜୟ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ବିଜେଡିର ସାଧାରଣ ସମ୍ପାଦକ ତଥା ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ସମାଜସେବୀ ଭିକାରୀ ଚରଣ ସାହୁ ମୁଖ୍ୟ ବକ୍ତା, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର, ଜିଲାପରିଷଦ ସଭ୍ୟ ତନୁଜା ପାଟ୍ଟଶାଣୀ, ସରପଞ୍ଚ ଅକ୍ଷୟ କୁମାର ରାଉତରାୟ, ଦମୟନ୍ତୀ ସାମନ୍ତରାୟ, ଲୀଲା ସାଇଁ, କରୁଣାକର ଦଳସିଂହରାୟ, ଶିକ୍ଷାବିତ୍ ପବିତ୍ର ମୋହନ ଖାଡଙ୍ଗା, ସମାଜସେବୀ ମନୋଜ କୁମାର ପ୍ରଧାନ, ଜିତେନ୍ଦ୍ର ପାହାଡସିଂହ, ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ କୁମାର ପାଇକରାୟ, ସମ୍ପାଦକ ନମିତା ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ଭାଇଚାରା ଓ ସଂସ୍କୃତିକୁ ଉଜ୍ଜୀବିତ କରିଥାଏ ବୋଲି ମତପ୍ରକାଶ କରିଥିଲେ। ସମ୍ପାଦକ ଦିବ୍ୟଲୋଚନ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଜମ୍ମେଶର ମଙ୍ଗରାଜ ସଂଯୋଜନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଗୋରୁ ବୋଝେଇ ଗାଡ଼ି ଜବତ, ୨ ଗିରଫ



କଳାପଥର,୨୭।୪(ଗଙ୍ଗାଧର ସାହୁ)

ବାଙ୍କୀ ବୈଦେଶ୍ୱର ଥାନା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ କୋଟଛକ ଠାରୁ ଏକ ଗୋରୁ ବୋଝେଇ ଗାଡ଼ି ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଡ଼ମ୍ବା ଅଞ୍ଚଳର ଜୟଦେବ ମହାନ୍ତି ଓ ଫାଜଲ ଖାନ। ତେବେ ଗାଡ଼ିରୁ ୧୫ ଗୋରୁଙ୍କୁ ଉଦ୍ଧାର କରାଯାଇଛି ବୋଲି ଥାନା ଅଧିକାରୀ ପ୍ରିୟଦର୍ଶନ ସେଠୀ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ବେଗୁନିଆ ଅଞ୍ଚଳରୁ ଟିଗିରିଆକୁ ଗୋଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ପୋଲିସ କୋଟ ଛକଠାରେ ଚଢ଼ାଉ କରି ଗୋରୁ ବୋଝେଇ ଗାଡ଼ିକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତି ନେଇ ୨ଜଣଙ୍କୁ ଗିରଫ କରିଥିଲା।

# ମନିଟରିଂ କମିଟି କଥା ଶୁଣୁନି ବିଏମ୍‌ସି

ଭୁବନେଶ୍ୱର, ୨୭।୪(ବନ୍ଦନା ସେଠୀ)

## କୁକୁର ବନ୍ଧ୍ୟାକରଣ ଅସ୍ତ୍ରୋପଚାର ସାମୟିକ ଭାବେ ବନ୍ଦ ରଖିବାକୁ ଦାବି



ରାଜ୍ୟରେ ପ୍ରଖର ଗ୍ରୀଷ୍ମପ୍ରବାହ ସାଙ୍ଗକୁ ତାପମାତ୍ରା ୪୪ଡିଗ୍ରୀ ପାର୍ କରିସାରିଲାଣି। ପ୍ରବଳ ଖରା ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବାବେଳେ କୁକୁରମାନେ ସ୍ୱାଭାବିକ ଭାବେ ଅସୁସ୍ଥତା ଅନୁଭବ କରୁଛନ୍ତି। ତେଣୁ ଏଭଳି ସ୍ଥିତିରେ କୁକୁର ବନ୍ଧ୍ୟାକରଣ (ଏବିସି) ଅସ୍ତ୍ରୋପଚାର ନିଷେଧ ଅଟେ। ଏହି ସମୟରେ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରିବା ପରିବର୍ତ୍ତେ ମହାନିଗମ ପକ୍ଷରୁ କୁକୁରଙ୍କ ଅସ୍ତ୍ରୋପଚାର କରାଯିବା ଏକପ୍ରକାର ଜୀବେ ନିଷ୍ଠୁରତା କାର୍ଯ୍ୟ ବୋଲି ବହୁ ପ୍ରାଣୀ ଚିକିତ୍ସକ, ପ୍ରାଣୀପ୍ରେମୀ ଏବଂ ଷ୍ଟେଟ ଏସପିସିଏ ସଦସ୍ୟ ଅଭିଯୋଗ କରିଛନ୍ତି। ଏନେଇ ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ଆନିମାଲ ବାର୍ଥ କଣ୍ଟ୍ରୋଲ ମନିଟରିଂ କମିଟି ସଦସ୍ୟ ଡା. ଦିଲ୍ଲୀପ ମିଶ୍ର ବିଏମ୍‌ସି କମିଶନରଙ୍କୁ ଏପ୍ରିଲ ୬ରେ ମେଲ୍ ମାଧ୍ୟମରେ ଅବଗତ କରାଇଥିଲେ। ଅସ୍ଥାୟୀ ଭାବେ କିଛି ମାସ ଅସ୍ତ୍ରୋପଚାର ବନ୍ଦ ରଖିବାକୁ ସେ ନିବେଦନ କରିଥିଲେ ସୁଦ୍ଧା ଏଯାବତ୍ ତାହାକୁ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି। କୁକୁରଙ୍କୁ ଜବରଦସ୍ତ ରାସ୍ତାରୁ ଧରି ଅସ୍ତ୍ରୋପଚାର କରିବା ପାଇଁ ଗାଡ଼ିରେ ଲଦି ନିଆଯାଉଛି। ଅସ୍ତ୍ରୋପଚାର ଗୃହରେ ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ଓ ପାଣି ବ୍ୟବସ୍ଥା ସହିତ ଅପରେଶନ ପରବର୍ତ୍ତୀ ଯତ୍ନ ଅଭାବ ରହୁଛି। ଗୋଟିଏ ଗୋଟିଏ ଘରେ ବହୁ ସଂଖ୍ୟାରେ କୁକୁରମାନଙ୍କୁ ଆବଦ୍ଧ କରି ରଖିବା ଯୋଗୁ ସେମାନେ ଅସୁସ୍ଥ ହୋଇପଡୁଛନ୍ତି। ତେଣୁ ବିଏମ୍‌ସି କର୍ତ୍ତୃପକ୍ଷ ତୁରନ୍ତ ପ୍ରାଣୀମାନଙ୍କ ପାଇଁ ଖାଦ୍ୟ ଓ ଜଳଛତ୍ର ବ୍ୟବସ୍ଥା କରିବା ସହ କୁକୁର ବନ୍ଧ୍ୟାକରଣ ଅସ୍ତ୍ରୋପଚାର କାର୍ଯ୍ୟକୁ ସାମୟିକ ଭାବେ ବନ୍ଦ ରଖି ସେପ୍ଟେମ୍ବରରେ ଆରମ୍ଭ କରିବାକୁ ଭାରତ ସରକାରଙ୍କ ପୂର୍ବତନ ପ୍ରାଣୀ କଲ୍ୟାଣ ଅଧିକାରୀ ତଥା ରାଜ୍ୟ ଜୀବେ ନିଷ୍ଠୁରତା ନିରୋଧ ସମିତି ସଦସ୍ୟ ଡା. ତ୍ରୈଲୋକ୍ୟ ନାଥ ମହାରଣାଙ୍କ ସମେତ ବହୁ ପ୍ରାଣୀ କଲ୍ୟାଣ ସଂସ୍ଥା ନିବେଦନ କରିଛନ୍ତି।

ଅପରପକ୍ଷେ ଏହି କାର୍ଯ୍ୟ ସମ୍ପାଦନା ପାଇଁ ମହାରାଷ୍ଟ୍ରର ଭେଟ୍ ଫର୍ ଆନିମାଲ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବାବେଳେ ଏହାର କାର୍ଯ୍ୟ ସମ୍ପାଦନା ପ୍ରଣାଳୀ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆନିମାଲ୍ ୱେଲଫେୟାର ବୋର୍ଡ ଅଫ୍ ଇଣ୍ଡିଆ (ଏଡବ୍ଲୁବିଆ) ସମ୍ପୃକ୍ତ ସଂସ୍ଥାକୁ ଏବିସି ପାଇଁ ଅନୁମୋଦନ ଦେଇ ନ ଥିବା ଜଣାପଡିବା ପରେ ମଧ୍ୟ ବିଏମ୍‌ସି ଉକ୍ତ ସଂସ୍ଥା ପ୍ରତି ଅନୁରକ୍ତି ଦେଖାଇ ଚାଲିଛି। ଏପରିକି ବୋର୍ଡର ବାରମ୍ବାର ତାଗିଦା ପରେ ମଧ୍ୟ ବିଏମ୍‌ସି କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ତେଣୁ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି।




ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ପ୍ରତାପ ଚନ୍ଦ୍ର ରାଉତ ଓ ତାଙ୍କ ସମର୍ଥକମାନେ ଶନିବାର ବିଜୁ ଜନତା ଦଳରେ ଯୋଗଦାନ କରୁଛନ୍ତି।

# ଗୀତ, ସଙ୍ଗୀତ ଓ ସାହିତ୍ୟ ପରସ୍ପର ନିର୍ଭରଶୀଳ



'ସାହିତ୍ୟ ମାସିକୀ'ରେ ଯୋଗଦେଇଥିବା ଅତିଥିବୃନ୍ଦ।

ଭୁବନେଶ୍ୱର, ୨୭।୪ (ବନ୍ଦନା ସେଠୀ)

ଗୀତ, ସଙ୍ଗୀତ ଓ ସାହିତ୍ୟ ପରସ୍ପର ନିର୍ଭରଶୀଳ। ଗୀତରେ ସାହିତ୍ୟ ଅଛି। ଗୀତିକବିତା ଓଡ଼ିଆ ସାହିତ୍ୟର ପ୍ରମୁଖ ଅଙ୍ଗ ବୋଲି ସଙ୍ଗୀତ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ମତ ଦେଇଛନ୍ତି। ଶନିବାର ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ 'ସାହିତ୍ୟ ମାସିକୀ'ରେ ଅତିଥି ଭାବେ ଯୋଗଦେଇ ମହାପାତ୍ର ସୃଜନର ସମନ୍ୱିତ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ତାଙ୍କ ସଙ୍ଗୀତ ସାଧନାର ପ୍ରେରଣା, ପରିବେଶ, ଗୀତିକବିତା ଓ ସୁଗମ ସଙ୍ଗୀତରେ ତାରତମ୍ୟ, ସମ୍ମାନ ଓ ଅନୁଭୂତି ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ପ୍ରଦୀପ୍ତ କୁମାର ବାରିକ, ଶ୍ରୀବାସ ମହାପାତ୍ର, ବିଭୂତି ପାଣିଗ୍ରାହୀ ଓ ଗିରୀଶ ପ୍ରସାଦ ସ୍ୱାଇଁ ପ୍ରମୁଖ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। 'ଏ ମାସର କଥାକାର' ଭାବେ ଯୋଗଦେଇ ଅମ୍ବିକା ସ୍ୱାଇଁ ସ୍ୱରଚିତ ଗଳ୍ପ ପାଠ କରିଥିଲେ। ଡ. ଅଭୟ ନାରାୟଣ ନାୟକ, ଜୟଶ୍ରୀ ପଟ୍ଟନାୟକ ଓ ବିଜନବାଳା ପାଟ୍ଟଯୋଶୀଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସତ୍ୟନାରାୟଣ ସିଂହ, ନନ୍ଦକିଶୋର ବିଶ୍ୱାଳ, ଭିକାରୀ ଧଳ, ମନମୋହନ ମିଶ୍ର, ନୃସିଂହ ତରାଇ, ରଶ୍ମୀ ରାଉତ, ସନ୍ତାପ ଜେନା, ସବିତା ଶତପଥୀ, ବିରଞ୍ଚି ନାରାୟଣ ଶତପଥୀ ପ୍ରମୁଖ କବିତା ପାଠ କରିଥିଲେ।

# ଆସ୍ଥା ସ୍କୁଲରେ ରକ୍ତଦାନ, ଅଙ୍ଗଦାନ ସଚେତନତା ଶିବିର

ବାଲିଅନ୍ତା,୨୭।୪(ନୀଳମାଧବ ସାହୁ)

ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ପରିସରରେ ଶନିବାର ଏକ ରକ୍ତଦାନ ଓ ଅଙ୍ଗଦାନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆସ୍ଥା ସ୍କୁଲ, ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ଏକ୍ସଲୋନ୍ସ, ୟୁଥ୍ ରେଡକ୍ରସ ଓ କ୍ୟାପିଟାଲ ହସ୍ପିଟାଲ ବ୍ଲଡ ବ୍ୟାଙ୍କର ମିଳିତ ଆନୁକୁଲ୍ୟରେ ଶିକ୍ଷାନୁଷ୍ଠାନର ସ୍ଥାୟୀ କ୍ୟାମ୍ପସରେ ଏହା ଆୟୋଜିତ ହୋଇଥିଲା। ଶିବିରରୁ ମୋଟ ୬୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ, ଯୁବପିଢ଼ି ରକ୍ତ ଦେବାକୁ ଆଗେଇ ଆସିବା ସହିତ ଅଙ୍ଗଦାନ ପ୍ରତି ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରୋଟାରୀୟାନ ଜୟଶ୍ରୀ ମହାନ୍ତି, ବିକ୍ରମାଦିତ୍ୟ ନାୟକ, ବୃନ୍ଦାବନ ଦଳବେହେରା, ଯଜ୍ଞାଶିଷ ମହାପାତ୍ର, ଡା ଦାମୋଦର ବିନ୍ଧାଣି ପ୍ରମୁଖ ଉପସ୍ଥିତ ଥିଲେ। ଆସ୍ଥା ସ୍କୁଲର ଚେୟାରମ୍ୟାନ ରୋଟାରିଆନ ବିଜୟ ପାତ୍ର ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ସମ୍ପାଦକ ଡ. ବଙ୍କିମ ମହାନ୍ତି ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଶ୍ରୀ ପଞ୍ଚମୁଖୀ ଏଜୁକେଶନାଲ ଓ ଚାରିଟେବୁଲ ଟ୍ରଷ୍ଟ ଟ୍ରଷ୍ଟି ଓ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ଅଧ୍ୟକ୍ଷା ପ୍ରଫେସର ଶର୍ମିଳା ସୁବ୍ରମନିୟନ, ପ୍ରଫେସର ସତ୍ୟନାଥ ମହାପାତ୍ର ଓ ସମସ୍ତ ଅଧ୍ୟାପିକା, ଅଧାପକ ଓ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଜଣଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

# ୪୨୧ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ

ପିପିଲି,୨୭।୪(ପ୍ରଭାତ ମହାପାତ୍ର)

## ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ୮ମ ୟୁଜି ସମ୍ମିଳନୀ

ପିପିଲି ନିଜିଗଡକୁରୁଖୀ ନିକଟ ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ୮ମ ୟୁଜି ସମ୍ମିଳନୀ ଉକ୍ତ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ଫାଦର ଆଣ୍ଟୋନି ଆର୍ ଉଭାରୀ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମିଳନୀରେ ମୁଖ୍ୟ ଅତିଥି ତଥା ସମ୍ମିଳନୀ ବାଚସ୍ପତି ଭାବେ ହିମାଳୟାନ ଇନଷ୍ଟିଚ୍ୟୁଟ୍ ଅଫ୍ ଅଲ୍‌ଟରନେଟିଭ ଲଦାଖ (ଏଚ୍‌ଆଇଏଏଲ୍) ପ୍ରତିଷ୍ଠାତା ସୋନମ ୱାଙ୍ଗଚୁକ୍ ଯୋଗଦେଇଥିଲେ। ସେ ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମର ସଫଳତା ଉପରେ ଉଦ୍‌ବୋଧନ ଦେଇ ଉତ୍ସାହିତ କରିବା ସହ ବିଶ୍ୱବିଦ୍ୟାଳୟର ଉତ୍ସର୍ଗୀକୃତ ସଫଳତା ସମ୍ପର୍କରେ ଆଲୋକପାତ କରି ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଶ୍ରେଷ୍ଠ ମାନ୍ୟତାପ୍ରାପ୍ତ ଛାତ୍ରୀଛାତ୍ରଙ୍କୁ ଏକାଡେମିକ ଉତ୍କର୍ଷତା ପାଇଁ ପଦକ ସାର୍ଟିଫିକେଟ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ୪୨୧ଜଣ ସ୍ନାତକୋତ୍ତର ଛାତ୍ରୀଛାତ୍ର ନିଜ ବିଭାଗରେ ଡିଗ୍ରୀ ପାଇ ପ୍ରଶଂସିତ ହୋଇଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଇଞ୍ଜିନିୟର, ଉଦ୍ୟୋଗୀ ଓ ସାମାଜିକ ପରିବର୍ତ୍ତନ ପାଇଁ ଉତ୍ସର୍ଗୀକୃତ ବିଶିଷ୍ଟ ଦୂରଦୃଷ୍ଟିସମ୍ପନ୍ନ ଭାରତୀୟ ବ୍ୟକ୍ତିତ୍ୱ ତଥା ମୁଖ୍ୟ ଅତିଥି ୱାଙ୍ଗଚୁକ୍‌ଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଫାଦର ଏସ୍ ଆଣ୍ଟୋନିରାଜ ଏସଜେ, ମୁଖ୍ୟ ଅର୍ଥ ଅଧିକାରୀ ଫାଦର ଭି ଅରକିଆ ଦାସ, କାର୍ଯ୍ୟକାରୀ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଆଣ୍ଡ୍ରିୟୁ ଦତ୍ତ, ବିଭିନ୍ନ ବିଦ୍ୟାଳୟର ଡିନ୍ ଏବଂ ଏକାଦଶ ବିଶ୍ୱବିଦ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ।




ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ୮ମ ୟୁଜି ସମ୍ମିଳନୀରେ ଅତିଥିବୃନ୍ଦ ।

## ଚୋରା ମଦ ବ୍ୟବସାୟୀଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗୁ

### ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ ଘଟଣା

ଖୁଣ୍ଟୁଣୀ, ୨୭।୪(ସଚ୍ଚିଦାନନ୍ଦ ପଣ୍ଡା)

ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଗିରଫ ହୋଇ ଖୁଣ୍ଟୁଣୀ ଆଦର୍ଶ କାରାଗାରରେ ସଜା ଭୋଗୁଥିବା ଭୁଟୁରି ଓରଫ ସୁରେନ୍ଦ୍ର ସ୍ୱାଇଁଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ(ଏନ୍‌ଏସ୍‌ଏ) ଲାଗୁ ହୋଇଛି। ଫଳରେ ଭୁଟୁରି ଶନିବାରଠାରୁ ଅନ୍ୟାଦେଶ ପର୍ଯ୍ୟନ୍ତ ବେଲ୍ ପାଇବେ ନାହିଁ ବୋଲି ଖୁଣ୍ଟୁଣୀ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି। ସୂଚନାଯୋଗ୍ୟ, ଖୁଣ୍ଟୁଣୀ ଥାନା ଅଧୀନ ଡାଲୁଆ ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲରେ ସୁରେନ୍ଦ୍ର ଦୀର୍ଘବର୍ଷ ଧରି ଦେଶୀ ମଦ ରାନ୍ଧୁଥିଲେ। ଏ ସମ୍ପର୍କରେ ଖବର ମିଳିବା ପରେ ଗତ ମାସ ୨୩ ତାରିଖରେ ଅବକାରୀ ବିଭାଗ ପକ୍ଷରୁ ଉକ୍ତ ଜଙ୍ଗଲରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀମଦ ଜବତ କରାଯିବା ସହ ସୁରେନ୍ଦ୍ରଙ୍କୁ ଗିରଫ କରାଯାଇଥିଲା। ଏନେଇ ଖୁଣ୍ଟୁଣୀ ଥାନାରେ ଏକ ମାମଲା(ନଂ.୭୨/୨୪) ରୁଜୁ ହୋଇଥିଲା। ସୁରେନ୍ଦ୍ର ଏବେ ଜେଲରେ ଥିବାବେଳେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଶନିବାର କଟକ ଜିଲାପାଳଙ୍କ ନିର୍ଦ୍ଦେଶ ପାଇବା ପରେ ପୋଲିସ ସୁରେନ୍ଦ୍ରଙ୍କ ସମ୍ପର୍କରେ ଜେଲ ସମେତ କୋର୍ଟଙ୍କୁ ଜଣାଇଛନ୍ତି।

# ପରିବେଶ, ପର୍ଯ୍ୟଟନ ପାଇଁ ଟ୍ରାଭେଲ ବ୍ଲଗର୍ସ ଏକାଠି

ଭୁବନେଶ୍ୱର,୨୭।୪(ଶର୍ମିଷ୍ଠା ପାଣିଗ୍ରାହୀ)

## ସଫେଇ କଲେ ଜାହାନିଆ ବେଳାଭୂମି

ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଭଳି ଏକ ପ୍ରମୁଖ ସମସ୍ୟାକୁ ଯୁବପିଢ଼ି ବୁଝିଲେଣି। ଏଥିସହ ଓଡ଼ିଶାର ପର୍ଯ୍ୟଟନକୁ କିଭଳି ଆଗକୁ ନେଇହେବ ସେଥିପାଇଁ ମଧ୍ୟ ସେମାନେ ଚେଷ୍ଟିତ। ଏହି କ୍ରମରେ ଶନିବାର 'ଚାଲୋ ଓଡ଼ିଶା' ପକ୍ଷରୁ ୩୦ରୁ ଅଧିକ ବ୍ଲଗର୍ସ ଏକାଠି ହୋଇ ପୁରୀ ଜିଲାର ଅସ୍ତରଙ୍ଗସ୍ଥିତ ଜାହାନିଆ ବେଳାଭୂମି ସଫେଇ କରିଛନ୍ତି। ଓଡ଼ିଶାରେ ଏମିତି ଅନେକ ବେଳାଭୂମି ଅଛି, ଯାହା ଏବେ ମଧ୍ୟ ଲୋକ ଲୋଚନକୁ ଆସିପାରିନାହିଁ। ତନ୍ମଧ୍ୟରୁ ଜାହାନିଆ ବେଳାଭୂମି ଅନ୍ୟତମ। ଏହି ବେଳାଭୂମି ଅପରିଷ୍କାର ହୋଇପଡ଼ିଥିବାରୁ ସେଠାକୁ ବିଶେଷ କେହି ଯାଉନାହାନ୍ତି ଓ ତାହା ଅବହେଳିତ ହୋଇ ପଡ଼ିରହିଛି। ଶନିବାର ସକାଳେ ବ୍ଲଗର୍ସମାନେ ସେଠାରେ ପହଞ୍ଚି ପ୍ଲାଷ୍ଟିକ ବୋତଲ, ଜରି ସମେତ ବିଭିନ୍ନ ଆବର୍ଜନା ସଫେଇ କରିଥିଲେ। ଚାଲୋ ଓଡ଼ିଶାର ସୁରଜ ବଳ ଓ ବିକ୍ରମ କିଶୋର ବେହେରାଙ୍କ ତତ୍ତ୍ୱାବଧାନରେ ଶାନ୍, ସ୍ପନ୍ଦନ ଦାସ, ଅଭିସ୍ନେହ ରାଉତରାୟ, ଅମିତା ସିଂ, ଶେଖର ଦାସ, ଅମୂଲ୍ୟ ନନ୍ଦ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ। ବ୍ଲଗର୍ସ ଶାନ୍ କହିଛନ୍ତି, କୋଭିଡ୍ ପରଠୁ ଓଡ଼ିଶାର ପର୍ଯ୍ୟଟନକୁ ଟ୍ରାଭେଲ ବ୍ଲଗର୍ସମାନେ ହିଁ ଅଧିକ ଏକ୍ସପ୍ଲୋର କରିଛନ୍ତି। ଆମେମାନେ ଜାଣିବାକୁ ପାଇଲୁ ଯେ, ଜାହାନିଆ ବେଳାଭୂମି ଅପରିଷ୍କାର ହୋଇପଡ଼ିଛି ଓ ଏହାକୁ ସଫା କଲେ ପର୍ଯ୍ୟଟକ ଆସି ବୁଲିପାରିବେ। ତେଣୁ ଆମେ ସଫେଇ ପାଇଁ ନିଷ୍ପତ୍ତି ନେଲୁ। ଏହା ବ୍ୟତୀତ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ବେଳାଭୂମିକୁ ସବୁବେଳେ ସଫା ରଖିବା ଆବଶ୍ୟକ। ବିଭାଗ ଓ ସରକାରୀ ସ୍ତରରେ ଏଭଳି ପ୍ରଚେଷ୍ଟା ହେଲେ ଏହା ଅଧିକ ତ୍ୱରାନ୍ୱିତ ହୋଇପାରିବ।



ବେଳାଭୂମି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବ୍ଲଗର୍ସମାନେ।

# ଅଲ୍ ଓଡ଼ିଶା ଓବିସି ଫେଡେରେଶନର ସଂକଳ୍ପ ସମାରୋହ

## ଭୁବନେଶ୍ୱର ଏମ୍‌ପି, ବିଧାୟକ ପାଇଁ ସ୍ୱାଧୀନ ପ୍ରାର୍ଥୀ ଘୋଷଣା

ଭୁବନେଶ୍ୱର, ୨୭।୪(ବନ୍ଦନା ସେଠୀ)

ଓଡ଼ିଶାରେ ପଛୁଆ ବର୍ଗର ସାମ୍ବିଧାନିକ ଅଧିକାର ଓ ସାମାଜିକ ନ୍ୟାୟ ପାଇଁ ଅଲ୍ ଓଡ଼ିଶା ଓବିସି ଫେଡେରେଶନ୍ ପକ୍ଷରୁ ଏକ ସଂକଳ୍ପ ସମାରୋହ ଶନିବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫେଡେରେଶନ୍ ପକ୍ଷରୁ ବିଭିନ୍ନ ଏଜେଣ୍ଡା ଉପରେ ଆଲୋକପାତ କରାଯାଇଥିଲା। ଜାତିଭିତ୍ତିକ ଜନଗଣନା କରିବା ସହିତ ୫୦% ଆରକ୍ଷଣ ସୀମା ହଟାଇବା, ମଣ୍ଡଳ କମିଶନ ସୁପାରିସ ଅନୁଯାୟୀ ଓବିସିଙ୍କ ପାଇଁ ସରକାରୀ ଚାକିରି କ୍ଷେତ୍ରରେ ୧୧.୨୫% ପରିବର୍ତ୍ତେ ୨୭% ଆରକ୍ଷଣ କରିବା, ଉଚ୍ଚଶିକ୍ଷା ପାଇଁ ନାମଲେଖାରେ ୨୭% ଆରକ୍ଷଣ ଲାଗୁ କରିବା, ଓବିସିରୁ ଏସ୍‌ଇବିସିକୁ ଅଲଗା କରି ସେମାନଙ୍କ ପାଇଁ ଇଡବ୍ଲ୍ୟୁଏସ୍ ଆରକ୍ଷଣ ଲାଗୁ କରିବା, ତ୍ରିସ୍ତରୀୟ ପଞ୍ଚାୟତିରାଜ ସହିତ ସହରାଞ୍ଚଳ, ବିଧାନସଭା ଓ ଲୋକସଭାରେ ଓବିସି ସମାଜକୁ ସଂଖ୍ୟାନୁପାତରେ ଆରକ୍ଷଣ ଦେବା ନିମିତ୍ତ ସଂସଦରେ ଆଇନ୍‌ରେ ପ୍ରଣୟନ କରିବା ଆଦି ୭ ଦଫା ଦାବି ଉପରେ ଆଲୋକପାତ କରାଯାଇଥିଲା। ଏଥିସହ ଓଡ଼ିଶା ସରକାର ବିଭିନ୍ନ ଅଧିକାରରୁ ଓବିସି ବର୍ଗଙ୍କୁ ବଞ୍ଚିତ କରି ଥିବାରୁ ଏହାର ପ୍ରତିବାଦ କରିବା ସହ ଭୁବନେଶ୍ୱର ଲୋକ ସଭା ଓ ଏହାର ଅଧୀନରେ ଥିବା ୭ଟି ବିଧାନସଭା ସହିତ ରାଜନଗର ଓ ମୋରଡା ନିର୍ବାଚନ ମଣ୍ଡଳୀରେ ଓବିସି ଫେଡେରେଶନ୍ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦେବାକୁ ସଂକଳ୍ପ ସମାରୋହରେ ନିଷ୍ପତ୍ତି ହୋଇ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା। ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ଭାବେ କିଶୋର କୁମାର ସୂତାରଙ୍କ ନାମ ଘୋଷଣା ହୋଇଥିବାବେଳେ ଉତ୍ତର ବିଧାନସଭା ପ୍ରାର୍ଥୀ ଭାବେ ପ୍ରତାପ କିଶୋର ବାରିକ, ମଧ୍ୟ ବିଧାନସଭା ପ୍ରାର୍ଥୀ ଭାବେ ଡ. ଅକ୍ଷୟ କୁମାର ବାରିକ, ଖୋର୍ଦ୍ଧା ବିଧାନସଭା ପ୍ରାର୍ଥୀ ଭାବେ ବିକ୍ରମ ସାହୁ ଏବଂ ବେଗୁନିଆ ବିଧାନସଭା ପ୍ରାର୍ଥୀ ଭାବେ ପବିତ୍ର ସାହୁଙ୍କ ନାମ ଘୋଷଣା କରାଯାଇଥିଲା। ସେହିପରି ଜଟଣୀ, ଏକାମ୍ର ଭୁବନେଶ୍ୱର ଓ ଜୟଦେବ ବିଧାନସଭା ପାଇଁ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରାର୍ଥୀ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଫେଡେରେଶନ୍‌ର ସଭାପତି ଅନାଦି ଚରଣ ସାହୁ, ସାଧାରଣ ସମ୍ପାଦକ ପ୍ରତାପ କିଶୋର ବାରିକ, କିଶୋର କୁମାର ସୂତାର, ସଂଗଠନର ଉପଦେଷ୍ଟା ରବି ଦାସ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି କୁମରବର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ସମାରୋହରେ ସାମ୍ବିଧାନିକ ଅଧିକାର ଓ ସାମାଜିକ ନ୍ୟାୟ ପାଇଁ ଅଲ୍ ଓଡ଼ିଶା ଓବିସି ଫେଡେରେଶନ୍‌ର କର୍ମକର୍ତ୍ତା ଓ ଅନ୍ୟମାନେ।

## ସଂକ୍ଷେପରେ

### ଆଧ୍ୟାତ୍ମିକ ଚେତନା ହିଁ ଶ୍ରେଷ୍ଠ ପଥ ପ୍ରଦର୍ଶକ

ବୋଲଗଡ଼,୨୭।୪(ଦେବବ୍ରତ ହୋତା)

ସ୍ଥାନୀୟ ଜଗନ୍ନାଥ ମଣ୍ଡପଠାରେ ବୈଶାଖ କୃଷ୍ଣପକ୍ଷ ପ୍ରତିପଦାଠାରୁ ସପ୍ତମୀ ପର୍ଯ୍ୟନ୍ତ ସାତଦିନ ବ୍ୟାପୀ ଶ୍ରୀଜଗନ୍ନାଥ ଚେତନା ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ସତ୍ୟ, ତ୍ରେତେୟା, ଦ୍ୱାପର ଏବଂ କଳିଯୁଗରେ ପ୍ରଭୁ ଜଗନ୍ନାଥଙ୍କ ମହିମା ବିଷୟ ନେଇ ଆଲୋଚନା କରାଯିବ। ବୋଲଗଡ଼ ପ୍ରବଚନ ପରିଚାଳନା କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଧର୍ମାନୁଷ୍ଠାନର ବିଭିନ୍ନ ଦିବସରେ ରାଜ୍ୟର ଲବ୍ଧପ୍ରତିଷ୍ଠିତ ପ୍ରବଚକ ବୋଲଗଡ଼ ଗର୍ଭଣିପଡାର ଡ.ଶିତୁପ୍ରକାଶ ରଥ, ଖୋର୍ଦ୍ଧା ହଳଦିଆର ପଣ୍ଡିତ ସୂର୍ଯ୍ୟକାନ୍ତ ରଥ, ବାଲେଶ୍ୱର ବସ୍ତା ଅଞ୍ଚଳର ଗାୟକ ଚକ୍ରବର୍ତ୍ତୀ ପ୍ରାଧ୍ୟାପକ ଡ.ବିଜୟ କୁମାର ଘୋଷ ପ୍ରମୁଖ ଯୋଗଦେଇ ଜଗନ୍ନାଥ ସଂସ୍କୃତିର ସାରତତ୍ତ୍ୱ ଉପରେ ତାତ୍ତ୍ୱିକ ଆଲୋଚନା ମାଧ୍ୟମରେ ସମାଜରେ ଆଧ୍ୟାତ୍ମିକ ଚେତନାର ମାର୍ଗ ପ୍ରଦର୍ଶନ କରିବେ। ପ୍ରଥମ ଦିବସରେ ଡ.ଶିତୁପ୍ରକାଶ ରଥଙ୍କ ଦାରା ଆଲୋଚିତ ଶ୍ରୀଜଗନ୍ନାଥଙ୍କ ପ୍ରାଚୀନତା ସମ୍ବନ୍ଧରେ ବିଷୟବସ୍ତୁକୁ ବହୁ ଶ୍ରୋତା ଶ୍ରବଣ କରିଥିଲେ।

### ବେଗୁନିଆ କଲେଜ ପକ୍ଷରୁ ଜଳସେବା ଶିବିର

ବେଗୁନିଆ,୨୭।୪(ହର ପ୍ରସନ୍ନ ପଣ୍ଡା)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବେଗୁନିଆ ମହାବିଦ୍ୟାଳୟ ପକ୍ଷରୁ ଜଳ ସେବା ଶିବିର ଶୁକ୍ରବାରଠାରୁ ଖୋଲିଛି। ସ୍କାଉଟ୍ସ ଗାଇଡ୍ସ ଆନୁକୂଲ୍ୟରେ ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତି ଶୁଭାରମ୍ଭ କରିଥିଲେ। ରୋଭର ଲିଡର ଅଧ୍ୟାପକ ନବ କିଶୋର ବିଶୋୟୀ ଏବଂ ରେଞ୍ଜର ଲିଡର ଦେବଯାନୀ ପାଇକରାୟ ଶିବିର ପରିଚାଳନା କରିଥିଲେ। ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି, ନମିତାରାଣୀ ମହାରଣା, ଶୁଭେନ୍ଦୁ ପଟ୍ଟନାୟକ, ଆରାଧନା ମହାପାତ୍ର, ବିଭେସ ଚୌଧୁରୀ, ସ୍ମୃତିମୟୀ ବସନ୍ତିଆ, ଫକୀରମୋହନ ବେହେରା, ଶ୍ରୀକାନ୍ତ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ରୋଭର ରେଞ୍ଜ ବିଭାଗର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପଥଚାରୀଙ୍କୁ ଦହିପଣା ସହିତ ସ୍ୱଚ୍ଛ ଜଳ ବଣ୍ଟନ କରାଯାଇଥିଲା।

### ବଢୁଛି ଦେଶୀମଦ କାରବାର

ନିରାକାରପୁର/ବେଗୁନିଆ,୨୭।୪ (ମାନସ ଚନ୍ଦ୍ର ପଟ୍ଟନାୟକ/ସନ୍ଧ୍ୟାରାଣୀ ମିଶ୍ର)

ନିରାକାରପୁର ଥାନା ପୋଲିସ ଶୁକ୍ରବାର ଭୂଷଣ୍ଡପୁର ଯାଇଥିବା କୋଲସାହି ନିକଟରେ ଚଢ଼ାଉ କରି ଜଣେ ଦେଶୀ ମଦ ବେପାରୀକୁ ଗିରଫ କରିଛି। ସେ ହେଲେ ଭୂଷଣ୍ଡପୁର ଅଞ୍ଚଳର ନିର୍ମଳ ବେହେରା(୪୦)। ତାଙ୍କ ନିକଟରୁ ୮ପେଟି ୪୦ଲିଟର ଦେଶୀ (ଆସ୍‌କା ଫର୍ଟି)ମଦ ଓ ଲୁନା ଜବତ ହୋଇଛି। ଜବତ ମଦର ଆନୁମାନିକ ମୂଲ୍ୟ ୧୬ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏନେଇ ଥାନାରେ ଏକ ମାମଲା (ନଂ.୧୧୯/୨୪)ରୁଜୁ ହୋଇଛି ବୋଲି ଏସ୍ଆଇ ଦୀପାଳିଶା ନାୟକ ସୂଚନା ଦେଇଛନ୍ତି। ସେହିପରି ବେଗୁନିଆ ଥାନା ଅନ୍ତର୍ଗତ ଡିଙ୍ଗର ଗ୍ରାମର ଦୁଇ ଜଣ ବ୍ୟକ୍ତି ଦେଶୀ ମଦ ବିକ୍ରି କରୁଥିବା ଖବରପାଇ ପୋଲିସ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଛି। ଲକ୍ଷ୍ମୀଧର ବେହେରାଙ୍କ ଠାରୁ ୧୭ଲିଟର ମଦ ଜବତ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତଙ୍କ ଠାରୁ ୧୦ଲିଟର ମଦ ଜବତ ହୋଇଛି। ଜଣେ ଅଭିଯୁକ୍ତଙ୍କ ନାମ ଜଣାପଡ଼ିନାହିଁ।

### ଚୋରା ମଦ ବ୍ୟବସାୟୀଙ୍କ ବିରୋଧରେ ଏନ୍ଏସ୍ଏ ଲାଗୁ

ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ ଘଟଣା

ଖୁଣ୍ଟୁଣୀ, ୨୭।୪(ସଚ୍ଚିଦାନନ୍ଦ ପଣ୍ଡା)

ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଗିରଫ ହୋଇ ଖୁଣ୍ଟୁଣୀ ଆଦର୍ଶ କାରାଗାରରେ ସଜା ଭୋଗୁଥିବା ଭୁଟୁରି ଓରଫ ସୁରେନ୍ଦ୍ର ସ୍ୱାଇଁଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ(ଏନ୍ଏସ୍ଏ) ଲାଗୁ ହୋଇଛି। ଫଳରେ ଭୁଟୁରି ଶନିବାରଠାରୁ ଅନ୍ୟାଦେଶ ପର୍ଯ୍ୟନ୍ତ ବେଲ୍ ପାଇବେ ନାହିଁ ବୋଲି ଖୁଣ୍ଟୁଣୀ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି। ସୂଚନାଯୋଗ୍ୟ, ଖୁଣ୍ଟୁଣୀ ଥାନା ଅଧୀନ ଡାଲୁଆ ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲରେ ସୁରେନ୍ଦ୍ର ଦୀର୍ଘବର୍ଷ ଧରି ଦେଶୀ ମଦ ରାନ୍ଧୁଥିଲେ। ଏ ସମ୍ପର୍କରେ ଖବର ମିଳିବା ପରେ ଗତ ମାସ ୨୩ ତାରିଖରେ ଅବକାରୀ ବିଭାଗ ପକ୍ଷରୁ ଉକ୍ତ ଜଙ୍ଗଲରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀମଦ ଜବତ କରାଯିବା ସହ ସୁରେନ୍ଦ୍ରଙ୍କୁ ଗିରଫ କରାଯାଇଥିଲା। ଏନେଇ ଖୁଣ୍ଟୁଣୀ ଥାନାରେ ଏକ ମାମଲା(ନଂ.୭୨/୨୪) ରୁଜୁ ହୋଇଥିଲା।

# ସମସ୍ୟା ଘେରରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

- ଖାଲିପଡ଼ିଛି ସୁପରିଣ୍ଟେଣ୍ଡେଣ୍ଟ ପଦବୀ, ଅଲଟ୍ରାସାଉଣ୍ଡ କାର୍ଯ୍ୟକ୍ଷମ ହୋଇନି
- ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି




ଟାଙ୍ଗୀ,୨୭।୪(ରଘୁନାଥ ସାହୁ)

ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ୨୬ ପଞ୍ଚାୟତ, ଚିଲିକା ବ୍ଲକ ଅନ୍ତର୍ଗତ ୫ ପଞ୍ଚାୟତ ଓ ରଣପୁର ବ୍ଲକ ଅନ୍ତର୍ଗତ ୫ ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ପ୍ରତ୍ୟେକ ଦିନ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ୪ଶହରୁ ଊର୍ଦ୍ଧ୍ୱ ରୋଗୀ ଆସୁଥିବା ଜଣାଯାଏ। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ୭ଟି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଓ ୨୪ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ମା ଓ ଶିଶୁର ଯତ୍ନ ପାଇଁ ୧୫ଟି ଲେଖାଏ ମୋଟ ୩୦ଟି ବେଡ୍ ରହିଛି। ପ୍ରତି ମାସରେ ପ୍ରାୟ ୧୫୦ଜଣ ପ୍ରସୂତି ପ୍ରସବ ପାଇଁ ଏଠାକୁ ଆସିଥାନ୍ତି। ସ୍ତ୍ରୀ ରୋଗ ବିଶେଷଜ୍ଞ ଥିଲେ ମଧ୍ୟ ନିଶ୍ଚେତକ ବିଶେଷଜ୍ଞ ଅଭାବ ଦର୍ଶାଇ ସିଜରିଆନ କେସଗୁଡିକ ଏଠାରେ ନ କରାଯାଇ ବାହାରକୁ ପଠାଯାଉଥିବା ଅଭିଯୋଗ ହେଉଛି। ସେହିପରି ଏକ ନୂତନ ଅଲଟ୍ରାସାଉଣ୍ଡ ମେଶିନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ରୋଗୀମାନେ ବାହାରେ ଖର୍ଚ୍ଚାନ୍ତ ହୋଇ ଅଲଟ୍ରାସାଉଣ୍ଡ କରୁଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁପରିଚାଳନା କରିବା ପାଇଁ ସୁପରିଣ୍ଟେଣ୍ଡେଣ୍ଟଙ୍କ ଆବଶ୍ୟକ ଥିବା ବେଳେ ଏହି ପଦବୀ ଦୀର୍ଘ ବର୍ଷ ହେବ ଖାଲିପଡ଼ିଛି। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରଶାସନିକ ପରିଚାଳନା ପାଇଁ ବ୍ଲକ ପବ୍ଲିକ ହେଲ୍‌ଥ ଅଫିସର ପଦବୀ ସୃଷ୍ଟି ହୋଇଥିଲେ ମଧ୍ୟ ଏହି ପଦବୀ ପୂରଣ କରାଯାଇନାହିଁ। ବିଶେଷଜ୍ଞ ଡାକ୍ତର ମେଡିସିନ ଓ ସର୍ଜରୀ ପଦବୀ ସୃଷ୍ଟି ହୋଇଥିଲେ ମଧ୍ୟ ଏହି ପଦବୀରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦିଆଯାଉନାହିଁ। ଡା. ସତ୍ୟ ରଞ୍ଜନ ନନ୍ଦ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଅଛନ୍ତି। ଡାକ୍ତରମାନେ ସପ୍ତାହକୁ ପାଳି କରି ମାତ୍ର ଦୁଇଦିନ କାମ କରି ଭୁବନେଶ୍ୱର ପଳାଇଯାଉଥିବା ଅଭିଯୋଗ ହେଉଛି। ଏମ୍ସର ଡାକ୍ତରୀ ଛାତ୍ରମାନଙ୍କ ଭରସାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ପୂର୍ବରୁ କର୍ମଚାରୀ ଓ ଡାକ୍ତରଙ୍କ ପାଇଁ ବାଇଓମେଟ୍ରିକ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ଅଚଳ ହୋଇପଡ଼ିଛି। ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରଙ୍କୁ ଡେପୁଟେସନରେ ଅଣାଯାଇ ଏଠାରେ କାର୍ଯ୍ୟ କରାଉଛନ୍ତି। ଫଳରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଅଞ୍ଚଳର ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଖାଲିପଡ଼ିଥିବା ପଦବୀ ପୂରଣ ଓ ବାଇଓମେଟ୍ରିକ ବ୍ୟବସ୍ଥାକୁ ସଚଳ କରିବା କରିବା ପାଇଁ ସ୍ଥାନୀୟ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି ହୋଇଛି।




ଜଟଣୀ ପୌରାଞ୍ଚଳ ୮ନମ୍ବର ୱାର୍ଡ ପଟେଲ ମାର୍ଗସ୍ଥିତ ଏସ୍‌ବିଆଇ ବ୍ୟାଙ୍କ ଶାଖା ନିକଟରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଛି। (ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)

## ଭାଇଚାରା, ସଂସ୍କୃତିକୁ ଉଜ୍ଜୀବିତ କରିଥାଏ ମହୋତ୍ସବ



ମହୋତ୍ସବ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ଡଙ୍ଗରପଡ଼ା ଆଞ୍ଚଳିକ ପଲ୍ଲୀ ମହୋତ୍ସବ ଉଦ୍‌ଘାଟିତ**

ବେଗୁନିଆ,୨୭।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡ଼ା ଗ୍ରାମସ୍ଥିତ ଆଞ୍ଚଳିକ ପଲ୍ଲୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଜୟ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ବିଜେଡିର ସାଧାରଣ ସମ୍ପାଦକ ତଥା ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ସମାଜସେବୀ ଭିକାରୀ ଚରଣ ସାହୁ ମୁଖ୍ୟ ବକ୍ତା, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର, ଜିଲାପରିଷଦ ସଭ୍ୟ ତନୁଜା ପାଟ୍ଟଶାଣୀ, ସରପଞ୍ଚ ଅକ୍ଷୟ କୁମାର ରାଉତରାୟ, ଦମୟନ୍ତୀ ସାମନ୍ତରାୟ, ଲୀଲା ସାଇଁ, କରୁଣାକର ଦଳସିଂହରାୟ, ଶିକ୍ଷାବିତ୍ ପବିତ୍ର ମୋହନ ଖାଡଙ୍ଗା, ସମାଜସେବୀ ମନୋଜ କୁମାର ପ୍ରଧାନ, ଜିତେନ୍ଦ୍ର ପାହାଡସିଂହ, ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ କୁମାର ପାଇକରାୟ, ସମ୍ପାଦକ ନମିତା ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ଭାଇଚାରା ଓ ସଂସ୍କୃତିକୁ ଉଜ୍ଜୀବିତ କରିଥାଏ ବୋଲି ମତପ୍ରକାଶ କରିଥିଲେ। ସମ୍ପାଦକ ଦିବ୍ୟଲୋଚନ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଜମ୍ମେଶର ମଙ୍ଗରାଜ ସଂଯୋଜନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଗାନ୍ଧିଜୀଙ୍କ ଅନୁଗାମୀ ଥିଲେ ବିନୋଦ

ବେଗୁନିଆ,୨୭।୪(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦ ପକ୍ଷରୁ ଗାନ୍ଧିବାଦୀ ତଥା ବିଶିଷ୍ଟ ସର୍ବୋଦୟ କର୍ମୀ ବିନୋଦ ମହାନ୍ତିଙ୍କ ବିୟୋଗରେ ଶୁକ୍ରବାର ସ୍ଥାନୀୟ ଆଦର୍ଶ କ୍ଲବ ପରିସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ଉପସଭାପତି ସୁଧାକର ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ପ୍ରଦୀପ ତ୍ରିପାଠୀ ମଙ୍ଗଳା ଚରଣ ପାଠ କରିଥିଲେ। ପରେ ସ୍ୱର୍ଗତ ମହାନ୍ତିଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଦିବଂଗତଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯିବା ପରେ କାର୍ଯ୍ୟକ୍ରମ ଆବାହକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱର୍ଗତ ମହାନ୍ତିଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ସ୍ୱର୍ଗତ ମହାନ୍ତି ବିନୋବା ଭାବେଙ୍କ ପଟ୍ଟଶିଷ୍ୟ, ଜୟପ୍ରକାଶ ନାରାୟଣଙ୍କ ବ୍ୟକ୍ତିଗତ ସଚିବ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ତାଙ୍କ ସହଧର୍ମିଣୀ ମାଳତୀ ଚୌଧୁରୀଙ୍କ ଏକାନ୍ତ ଅନୁଗାମୀ ଥିଲେ। ବେଗୁନିଆରେ ଗାନ୍ଧୀ ପ୍ରତିମୂର୍ତ୍ତି ସ୍ଥାପନ କରିବାରେ ତାଙ୍କର ପ୍ରେରଣା ଗାନ୍ଧୀପ୍ରେମୀଙ୍କୁ ଉତ୍ସାହିତ କରିଥିଲା। ସୁଶ୍ରୀ ସଂଘମିତ୍ରା ରଥ, ଶିକ୍ଷାବିତ୍ ଶରତ ପଣ୍ଡା, ପ୍ରଶାନ୍ତ ବାରିକ, ଅଶ୍ୱିନୀ ପଟ୍ଟନାୟକ, ବିଜୟ ମହାନ୍ତି, ରାମଚନ୍ଦ୍ର ସାହୁ, କାଳୁଚରଣ ନାୟକ, ରାମଚନ୍ଦ୍ର ବିଶ୍ୱାଳ, ବସନ୍ତ ରଣସିଂହ ଉପସ୍ଥିତ ଥିଲେ। ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଗୋରୁ ବୋଝେଇ ଗାଡ଼ି ଜବତ, ୨ ଗିରଫ

କଳାପଥର,୨୭।୪(ଗଙ୍ଗାଧର ସାହୁ)

ବାଙ୍କୀ ବୈଦେଶ୍ୱର ଥାନା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ କୋଟଛକ ଠାରୁ ଏକ ଗୋରୁ ବୋଝେଇ ଗାଡ଼ି ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଡ଼ମ୍ବା ଅଞ୍ଚଳର ଜୟଦେବ ମହାନ୍ତି ଓ ଫାଜଲ ଖାନ। ତେବେ ଗାଡ଼ିରୁ ୧୫ ଗୋରୁଙ୍କୁ ଉଦ୍ଧାର କରାଯାଇଛି ବୋଲି ଥାନା ଅଧିକାରୀ ପ୍ରିୟଦର୍ଶନ ସେଠୀ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ବେଗୁନିଆ ଅଞ୍ଚଳରୁ ଟିଗିରିଆକୁ ଗୋଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ପୋଲିସ କୋଟ ଛକଠାରେ ଚଢ଼ାଉ କରି ଗୋରୁ ବୋଝେଇ ଗାଡ଼ିକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତି ନେଇ ୨ଜଣଙ୍କୁ ଗିରଫ କରିଥିଲା।

## 'ଲିଙ୍ଗଜନିତ ସମ୍ବେଦନଶୀଳତା' ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗଦେଇଥିବା ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ବାଣପୁର,୨୭।୪(ଦିଲୀପ ସ୍ୱାଇଁ)

ଗୋଦାବରୀଶ ମହାବିଦ୍ୟାଳୟର ଅଧ୍ୟକ୍ଷ ବିନାୟକ ହୋତାଙ୍କ ସଭାପତିତ୍ୱରେ 'ଲିଙ୍ଗଜନିତ ସମ୍ବେଦନଶୀଳତା' ଶୀର୍ଷକ ଆଲୋଚନା କାର୍ଯ୍ୟକ୍ରମ ମନସ୍ତତ୍ତ୍ୱ ବିଭାଗ ଏବଂ ଆଇକ୍ୟୁଏସି ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବକ୍ତାଭାବେ ମନସ୍ତତ୍ତ୍ୱ ବିଭାଗର ପୂର୍ବତନ ରିଡର ଡ.ହରେଶ ଚନ୍ଦ୍ର ମିଶ୍ର ଯୋଗଦେଇ ଲିଙ୍ଗଜନିତ ସମସ୍ୟା ଓ ବାଛ ବିଚାର ଦୂରେଇ ମହିଳା ସଶକ୍ତୀକରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମନସ୍ତତ୍ତ୍ୱ ବିଭାଗର ମୁଖ୍ୟ ସୁଜିତ କୁମାର ପାଣ୍ଡେ, ଅଜୟ କୁମାର ବେହେରା, ସ୍ୱାଗତିକା ସାହୁ ଏବଂ ଆଇକ୍ୟୁଏସି ସଂଯୋଜିକା ଡ.ଋତୁସ୍ମିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନସ୍ତତ୍ତ୍ୱ ବିଭାଗର ଅଧ୍ୟାପକ ପୁଲିନ ବିହାରୀ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ସୁରପ୍ରତାପ ନରେନ୍ଦ୍ରସିଂହ ବର୍ମା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ଡ.ଗୁରୁ କିଶୋର ନାୟକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଶ୍ରୀରାମଙ୍କ ଜନ୍ମୋତ୍ସବଠୁ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କଥା ଶୁଣିଲେ ଶ୍ରଦ୍ଧାଳୁ

ଖୋର୍ଦ୍ଧା,୨୭।୪ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶ୍ରୀରାମ ମନ୍ଦିର ଉନ୍ନୟନ ପରିଷଦ ଓ ଶ୍ରୀରାମ ନଗରବାସୀଙ୍କ ପକ୍ଷରୁ ଶ୍ରୀରାମ ନବମୀଠାରୁ ୧୦ଦିନ ବ୍ୟାପୀ ଚାଲିଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ସାନ୍ଧ୍ୟ ପ୍ରବଚନ ଜ୍ଞାନଯଜ୍ଞ ତ୍ରିଂଶତମ ସାମ୍ବତ୍ସରିକ ଉତ୍ସବ ଗତ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସକାଳ ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରୀରାମଷ୍ଟକମ୍, ହନୁମାନ ଚାଳିଶା ପାଠ, ପ୍ରାର୍ଥନା, ସନ୍ଧ୍ୟାରେ ଭଜନସମାରୋହ ସହ ଶ୍ରୀରାମ ଚରିତ ମାନସ ପ୍ରବଚନ ଆୟୋଜିତ ହୋଇଥିଲା। ୧୭ତାରିଖରେ ଶ୍ରୀରାମ ଜନ୍ମୋତ୍ସବ ହୋଇଥିଲା। ବ୍ୟାସଭାବେ ରମେଶ ଚନ୍ଦ ଦାସ ଯୋଗଦେଇଥିଲେ। ରାଜକିଶୋର ଦାସ ଯଜ୍ଞାଚାର୍ଯ୍ୟ ଓ ମଧୁସୂଦନ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ୧୮ଓ ୧୯ତାରିଖରେ ପ୍ରବଚକଭାବେ ବଜରଙ୍ଗୀ ଦାସ ଯୋଗଦେଇ ନାମ ମହାତ୍ମ୍ୟ, ଶିବ ବିବାହ, ଶ୍ରୀରାମଙ୍କ ଜନ୍ମଠାରୁ ଅହଲ୍ୟା ଉଦ୍ଧାର ସମ୍ପର୍କରେ କହିଥିଲେ। ୨୦ରୁ ୨୨ତାରିଖ ପର୍ଯ୍ୟନ୍ତ ମୁକ୍ତପୁର ହାଇସ୍କୁଲ ଶିକ୍ଷକ ପଦ୍ମନାଭ ସାହୁ ଯୋଗଦେଇ ଶିବଧନୁ ଭଗ୍ନ, ସୀତା ବିବାହ, ପର୍ଶୁରାମ ଭେଟ, ମନ୍ଥରା ମନ୍ତନ, ପ୍ରଭୁଙ୍କ ବନବାସ, କେବଟ ପ୍ରସଙ୍ଗ, ଭରତଙ୍କ ଚିତ୍ରକୁଟ ଗମନ ଓ ଭରତ ମିଳନ ସମ୍ପର୍କରେ କହିଥିଲେ। ୨୩ରୁ ୨୫ ତିନିଦିନ ବ୍ୟାପୀ ପ୍ରବଚକ ବଜରଙ୍ଗୀ ଦାସ ଜଟାୟୁ ସମ୍ବାଦ, ସୀତା ଠାବ, ଲଙ୍କା ଦହନ, ବିଭୀଷଣ ସମ୍ବାଦ, ଲକ୍ଷ୍ମଣ ଶକ୍ତିଭେଦ, ରାବଣ ବଧ, ପ୍ରଭୁ ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ସମ୍ପର୍କରେ କହିଥିଲେ। ପ୍ରତ୍ୟେକଦିନ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ଜନ୍ମୋତ୍ସବଠାରୁ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ଶ୍ରବଣ କରିଥିଲେ। ଉଦ୍‌ଯାପନୀ ଦିବସ ଶୁକ୍ରବାର ଅପରାହ୍ନରେ ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟରେ ଶ୍ରଦ୍ଧାଳୁ ଯୋଗଦେଇ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଭକ୍ତି ସଙ୍ଗୀତ ଭଜନ ସମାରୋହ ଆୟୋଜିତ ହୋଇଥିଲା। ପରିଷଦ ସଭାପତି ସନ୍ତୋଷ ରଞ୍ଜନ ରାଉତ, ସମ୍ପାଦକ ସର୍ବେଶ୍ୱର ଦାସଙ୍କ ସମେତ ଅନ୍ୟ କମିଟି ସଦସ୍ୟ, ଶ୍ରୀରାମ ନଗରବାସୀ ପରିଚାଳନା କରିଥିଲେ।

## ଜଳସେବା ଶିବିର

ଟାଙ୍ଗୀ,୨୭।୪(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ପଞ୍ଚାୟତର ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଶନିବାର ଜଳସେବା ଶିବିର ସରପଞ୍ଚ ସୁଜିତ ହାଲଦାରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବୀଣାପାଣି ବେହେରା, ଶିକ୍ଷକ ତଥା ସାମାଜିକ କର୍ମୀ ଲଳିତ ନାରାୟଣ ମହାପାତ୍ର, ଅଙ୍ଗନୱାଡି କର୍ମୀ ଭାରତୀ ପରିଡ଼ା, ରାଜେଶ୍ୱରୀ ହାଲଦାର, ଦେବରାଜ ସାନ ପ୍ରମୁଖ ଯୋଗଦେଇ ଲୋକମାନଙ୍କୁ ପ୍ରଥମ ଦବସରେ ଦହି ସରବତ ବଣ୍ଟନ କରିଥିଲେ। ଶିକ୍ଷକ ମହାପାତ୍ର ପ୍ରତ୍ୟେକଦିନ ଉପସ୍ଥିତ ରହି ଏହି ସେବା ଯୋଗାଇବେ ବୋଲି ଆଗ୍ରହ ପ୍ରକାଶ କରିଛନ୍ତି। ଜନସାଧାରଣଙ୍କ ପକ୍ଷରୁ ସ୍ୱାଗତ କରିବା ସହିତ ଶିକ୍ଷକଙ୍କ ଏହି କାର୍ଯ୍ୟକୁ ପ୍ରଶଂସା କରାଯାଇଛି।

## ଭ୍ରମରବର ପାତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି।

ବାଣପୁର,୨୭।୪(ଦିଲୀପ ସ୍ୱାଇଁ)

ବାଣପୁର ଅଞ୍ଚଳର ପ୍ରତିଷ୍ଠିତ ତଥା ବଦାନ୍ୟ ବ୍ୟକ୍ତି ଭ୍ରମରବର ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଣପୁର ଜାଭିୟର୍ସ ହାଇସ୍କୁଲ ପରିସରରେ ସ୍ୱର୍ଗତ ଭ୍ରମରବର ପାତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ରାଜେନ୍ଦ୍ର ପ୍ରସାଦ ରଥ, ଦକ୍ଷେଶ୍ୱର ଭଗବତୀ ଏଣ୍ଡାଓମେଣ୍ଟର ନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିର ଉପସଭାପତି ତଥା ଚିଲିକା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ସ୍ମୃତି ସଭାରେ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ପାତ୍ର ସଦାବେଳେ ବାଣପୁରବାସୀଙ୍କ ହୃଦୟରେ ରହିଥିବେ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ସଂକୀର୍ତ୍ତନ ସମାରୋହ ହୋଇଥିଲା।

## ଟାଙ୍ଗୀରେ କଂଗ୍ରେସ କର୍ମକର୍ତ୍ତାଙ୍କ ବୈଠକ

ଟାଙ୍ଗୀ,୨୭।୪(ରଘୁନାଥ ସାହୁ)

ଟାଙ୍ଗୀ କଂଗ୍ରେସ ଭବନରେ ଶନିବାର ୧୦ ଓ ୧୧ ନମ୍ବର ଜୋନର ଦଳୀୟ କର୍ମକର୍ତ୍ତାଙ୍କ ବୈଠକ ବ୍ଲକ ସଭାପତି ସୁକାନ୍ତ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଂଗ୍ରେସର ୫ନ୍ୟାୟ ଓ ୨୫ ଗ୍ୟାରେଣ୍ଟି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ ଆଲୋଚନା ହୋଇଥିଲା। କଂଗ୍ରେସ ସାଧାରଣ ଲୋକଙ୍କ ନିକଟରେ ଆସ୍ଥା ଭାଜନ ହୋଇପାରିଥିବା କର୍ମକର୍ତ୍ତାମାନେ ମନ୍ତବ୍ୟ ରଖିଥିଲେ। କଂଗ୍ରେସ କିପରି ପୁଣି ସରକାର ଗଠନ କରିବ ସେଥିପାଇଁ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ବୈଠକରେ ସଞ୍ଜୟ ପଟ୍ଟନାୟକ, ବିଶ୍ୱଜିତ ରାଉତରାୟ, ପ୍ରଶାନ୍ତ ଶ୍ରୀଚନ୍ଦନ, ସୌଭାଗ୍ୟ ଦଳବେହେରା, ବିଶ୍ୱଭୂଷଣ ଛୋଟରାୟ, ସନାତନ ବେହେରାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା କଂଗ୍ରେସ କର୍ମୀମାନେ।

## ରାଜସୁନାଖଳା-ଭାପୁର ରାସ୍ତା ମରଣଯନ୍ତା

ବୋଲଗଡ,୨୭।୪(ଦେବବ୍ରତ ହୋତା)

ଜନସାଧାରଣଙ୍କ ଗମନାଗମନ ସୁବିଧା ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ ପାଇଁ ଏହାର ସୁଫଳ ମିଳୁନାହିଁ। ଫଳରେ ଏହି ରାସ୍ତା ଦୀର୍ଘସ୍ଥାୟୀ ହୋଇପାରୁନାହିଁ।

ବୋଲଗଡ଼ ବ୍ଲକ ଅଞ୍ଚଳର ରାଜସୁନାଖଳାଠାରୁ ଭାୟା ବାଙ୍କୋଇ ଦେଇ ଭାପୁର ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାଟି ଗତବର୍ଷ ନିର୍ମାଣ ହୋଇଥିଲେ ମଧ୍ୟ ଏବେ ମରଣଯନ୍ତା ପାଲିଟିଛି। ରାସ୍ତାର ବହୁ ସ୍ଥାନରେ ଖାଲଢ଼ିପ ହୋଇଥିବା ବେଳେ ଉଭୟ ପାର୍ଶ୍ୱରେ ଚାରିଫୁଟ ଓସାରରେ ଗମନାଗମନ ସୁବିଧା ପାଇଁ ମୋରମ ପଡ଼ିବା ନିୟମ ଥିଲେ ମଧ୍ୟ ତାହା ପକାଯାଇ ନାହିଁ। ଫଳରେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟିଛି। ହାଟବସ୍ତ ଗ୍ରାମଠାରେ ନିମ୍ନମାନର ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିବାରୁ ବିଭିନ୍ନ ସ୍ଥାନରେ ମେଟାଲ, ଚିପ୍ସ ଉଠିଯାଇ ଲୁହାରଡ୍ ଦେଖାଗଲାଣି। ବର୍ଷାଦିନେ ଏହି ସ୍ଥାନରେ ପାଣି ଜମି ରହୁଥିବାରୁ ପୂର୍ତ୍ତ ବିଭାଗର ଠିକାଦାରଙ୍କ ଦ୍ୱାରା ପୁନର୍ବାର ରାସ୍ତା ମରାମତି କରାଯାଇଥିଲେ ମଧ୍ୟ ବର୍ତ୍ତମାନ ତାହା ଖାଲଢିପରେ ପରିଣତ ହୋଇଛି। ଏହି ରାସ୍ତାରେ ପ୍ରତିଦିନ ବୈଦେଶ୍ୱର ବାଲିଘାଟରୁ ଶହ ଶହ ବାଲି ଟ୍ରକ ରାଜସୁନାଖଳା ଦେଇ ବିଭିନ୍ନ ଅଞ୍ଚଳକୁ ଯାଉଛି। ପ୍ରତିଦିନ ବହୁ ବ୍ୟବସାୟୀ, ଜନସାଧାରଣ, ଛାତ୍ରୀଛାତ୍ର ଓ ରୋଗୀମାନେ ରାଜସୁନାଖଳା ଅଞ୍ଚଳକୁ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ତେଣୁ ଜିଲାପାଳ ଓ ପୂର୍ତ୍ତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଉକ୍ତ ରାସ୍ତା ପ୍ରତି ଦୃଷ୍ଟିଦେଇ ବିହୀତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



ରାସ୍ତା ଉପରୁ ମେଟାଲ ଉଠିଯାଇଛି।





ବାଲିସାହିସ୍ଥିତ ସାହିଯାତରେ ଶିଶୁ ନାଗାମେଢ, ଶିଶୁମେଢ଼, ବୀର କର୍ଣ୍ଣଙ୍କ ନୃତ୍ୟ ।





ବାଲିସାହିସ୍ଥିତ ସାହିଯାତରେ ନାଗା ନୃତ୍ୟ, ନୃସିଂହ ମଢ଼େ, ଶିବ ତାଣ୍ଡବ ନୃତ୍ୟ ।

## ଡକାୟତି ଯୋଜନା ପଣ୍ଡ, ୨ ଗିରଫ

ପୁରୀ,୨୭।୪(ଅଜିତ୍ ମହାନ୍ତି):

ଡକାୟତି କରିବା ନେଇ ଯୋଜାନ କରୁଥିବାବେଳେ ବଳିଆପଣ୍ଡା ଥାନା ପୋଲିସ ଘଟଣାସ୍ଥଳରେ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ତେବେ ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ୩ ଅଭିଯୁକ୍ତ ଖସିଯିବାରେ ସଫଳ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଗିରଫ ୨ ଅଭିଯୁକ୍ତ ହେଲେ ବଳିଆପଣ୍ଡା ଥାନା ଅଧୀନ ଗଜଲକ୍ଷ୍ମୀ ଲେନ୍‌ର ଦୋଳଗୋବିନ୍ଦ ସାହୁ ଓ ଶୁଭାଶିଷ ତ୍ରିପାଠୀ। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଛୁରି, ଗୋଟିଏ ଆଇରନ ରଡ଼, ଲଙ୍କାଗୁଣ୍ଡ ପ୍ୟାକେଟ୍, ଡିଆସିଲ କାଠି, ସିଗାରେଟ୍ ପ୍ୟାକେଟ୍ ଓ ବିୟର ବୋତଲ ଜବତ କରିଛି। ଏନେଇ ପୋଲିସ ୧୦୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବଳିଆପଣ୍ଡା ଥାନା ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଷ୍ଟର୍ଲିନ୍ ଛକ ନିକଟରେ ୫ ଜଣ ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ର ଧରି ଏକାଠି ହୋଇ ଡକାୟତି କରିବାକୁ ଯୋଜନା କରୁଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ଚଢ଼ାଉ କରି ବିଭିନ୍ନ ମାରଣାସ୍ତ୍ର ସହ ୨ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ତେବେ ଘଟଣାସ୍ଥଳରୁ ସନ୍ତୋଷ ସାହୁ, ମହେଶ୍ୱର ସାହୁ ଓ ରାକେଶ ସାହୁ ଖସି ଯିବାରେ ସଫଳ ହୋଇଥିଲେ। ଗିରଫ ୨ ଅଭିଯୁକ୍ତଙ୍କ ବିରୋଧରେ ବଳିଆପଣ୍ଡା ଥାନରେ ଏକାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛି।

# ସାହିଯାତରେ ପ୍ରଚାରକଲେ ନେତା

ପୁରୀ,୨୭।୪(ଅଜିତ୍ ମହାନ୍ତି)

ଶ୍ରୀକ୍ଷେତ୍ରରେ ସାହିଯାତକୁ ନେଇ ପୁରୀ ସହର ଏବେ ଉତ୍ସବମୁଖର। ସାହି ଯାତରେ ଶ୍ରୀକ୍ଷେତ୍ରର ପାରମ୍ପରିକ ସମରକଳା ନୃତ୍ୟ ଦେଖିବାକୁ ମଲୁଛି। ଶୁକ୍ରବାର ବାଲିସାହି ପକ୍ଷରୁ ରାବଣ ବଧ ନୀତି ଆଗତ କରାଯାଇଥିଲା। ସେହିପରି ବାଲି ସାହିରୁ ବାଦଯାତ ବାହାରି ବାଦିସାହି ହରଚଣ୍ଡୀ ସାହିକୁ ଯାଇଥିଲା। ତେବେ ଯାତରେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ରାଜ୍ୟର ପ୍ରମୁଖ ତିନି ରାଜନୈତିକ ଦଳ ପକ୍ଷରୁ ପୁରୀ ବିଧାନସଭା ଓ ପୁରୀ ଲୋକ ସଭା ସଂସଦୀୟ କ୍ଷେତ୍ର ନିମନ୍ତେ ପ୍ରାର୍ଥୀ ହୋଇଥିବା ପ୍ରାର୍ଥୀମାନେ ସାହି ଯାତରେ ସାମିଲ୍ ହୋଇ ନିଜ ସପକ୍ଷରେ ଭୋଟରମାନଙ୍କୁ ଆକୃଷ୍ଟ କରୁଥିବା ଦେଖିବାକୁ ମିଳିଥିଲା, ଯାହାକି ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ସାହିଯାତ ସହ ପୁରୀବାସୀଙ୍କ ଭାବନା ଜଡ଼ିତ ଅଟେ। ତେଣୁ ସାହି ଯାତରେ ପୁରୀର ଆଠସାହିର ଲୋକ ସାମିଲ ହୋଇଥାନ୍ତି। ଏପରିକି ସହରର ଆଖପାଖ ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲୋକମାନେ ସାହି ଯାତ ଦେଖିବାକୁ ଆସିଥାନ୍ତି। ତେଣୁ ପୁରୀବାସୀଙ୍କ ମନ କିଣିବାର ମଉକାକୁ ନେତାମାନେ ହାତଛଡ଼ା କରିବାକୁ ଚାହୁଁ ନାହାନ୍ତି।

ଏହିଅବସରରେ ବିଜେଡିର ପୁରୀ ଲୋକ ସଭା ପ୍ରାର୍ଥୀ ହୋଇଥିବା ଅରୂପ ପଟ୍ଟନାୟକ ଓ ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ସାହି ଯାତ ବୁଲି ଦେଖିବା ସହ ଆଗାମୀ ନିର୍ବାଚନ ପାଇଁ ଲୋକଙ୍କଠାରୁ ଭୋଟ ଭିକ୍ଷା କରିଛନ୍ତି। ସେହିପରି ଭାଜପା ପ୍ରାର୍ଥୀ ତଥା ବିଧାୟକ ଜୟନ୍ତ ଷଡ଼ଙ୍ଗୀ ମଧ୍ୟ ରାତି ତମାମ ବୁଲି ବୁଲି ସାହିଯାତ ଦେଖିଥିଲେ। ଜୟନ୍ତଙ୍କ ସହ ଭାଜପା ସାଂସଦ ପ୍ରାର୍ଥୀ ସମ୍ବିତ୍ ପାତ୍ର ମଧ୍ୟ ବୁଲି ସାହି ଯାତ ଦେଖିବା ସହ ଲୋକମାନଙ୍କୁ ତାଙ୍କ ସପକ୍ଷରେ ଭୋଟ ଦେବାକୁ ନିବେଦନ କରୁଥିବା ଦେଖିବାକୁ ମିଳିଛି। ସେହିପରି କଂଗ୍ରେସ ମଧ୍ୟ ସାହିଯାତ ମଉକାକୁ ହାତଛଡ଼ା କରିବାକୁ ଚାହିଁ ନ ଥିଲା। ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ସୁଜିତ ମହାପାତ୍ର ତାଙ୍କର କିଛି ସମର୍ଥକଙ୍କ ସହ ସାହି ଯାତ ବୁଲି ଦେଖିବା ସହ ବୟସ୍କ ଲୋକଙ୍କଠାରୁ ଆର୍ଶୀବାଦ ନେଉଥିବା ଦେଖିବାକୁ ମିଳିଥିଲା। ଭାଜପା ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ କହିଛନ୍ତି, ସାହିଯାତ କାହିଁ କେଉଁ କାଳରୁ ଚାଲି ଆସୁଛି। ଏହା ଶ୍ରୀକ୍ଷେତ୍ରର ପରମ୍ପରା ଅଟେ। କଳା ସଂସ୍କୃତିର ସହର ହେଉଛି ପୁରୀ। ଶ୍ରୀକ୍ଷେତ୍ର ସାହିଯାତ ଏକ ଅନନ୍ୟ ପରମ୍ପରା। ଏଥିରେ ସମସ୍ତେ ଭେଟ ହୋଇଥାନ୍ତି। ଏଣୁ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ଏକ ଆନନ୍ଦର ବିଷୟ। ଆଗାମୀ ନିର୍ବାଚନରେ ସେ ପୁରୀ ବାସୀଙ୍କ ସମର୍ଥନ ପାଇ ବିପୁଳ ବିଜୟ ହାସଲ କରିବେ ବୋଲି ଜୟନ୍ତ କହିଛନ୍ତି। ସେହିପରି ଅରୁପ ପଟ୍ଟନାୟକ କହିଛନ୍ତି ପୁରୀର ସାହିଯାତ ଏକ ଅନନ୍ୟ ପରମ୍ପରା। ଏହାକୁ ଦେଖିବା ବେଶ୍ ଖୁସି ପ୍ରଦାନ କରୁଛି। ଲୋକମାନେ ତାଙ୍କୁ ବିପୁଳ ସ୍ନେହ, ଶ୍ରଦ୍ଧା ଦେଉଛନ୍ତି, ଯାହାର ଋଣ ସେ ସୁଝି ପାରିବେନି। ତେବେ ପୁରୀବାସୀଙ୍କ ଅକୁଣ୍ଠ ସହଯୋଗ ଓ ସମର୍ଥନ ରହିଛି। ତେଣୁ ଆଗାମୀ ନିର୍ବାଚନ ରେ ସେ ନିଶ୍ଚିତ ଜିତିବେ ବୋଲି କହିଛନ୍ତି। ସେହିପରୀ ରାଜ୍ୟ ସଭା ସାଂସଦ ଖୁଣ୍ଟିଆ କହିଥିଲେ, ପୁରୀକୁ ମୁଖ୍ୟମନ୍ତ୍ରୀ ସାରା ବିଶ୍ୱରେ ଏକ ନମ୍ବର୍ ସହର କରିବା ପାଇଁ ଅନେକ କାର୍ଯ୍ୟ କରୁଛନ୍ତି। ଏଣୁ ପୁରୀ ଭୋଟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠା ଟାଣ କରିବା ସହ ଅରୂପ ପଟ୍ଟନାୟକଙ୍କୁ ବିଜୟୀ କରିବେ।

## ୨ ଶହ ପରିବାର ଭାଜପାରେ ମିଶିଲେ

ଯୋଗେଶ୍ୱରପୁର,୨୭।୪(ରଶ୍ମିରଞ୍ଜନ ସାହୁ):

ଯୋଗେଶ୍ୱରପୁର ନିକଟସ୍ଥ ବାହାରଣା ଓ ତୁଳସୀପୁର ପଞ୍ଚାୟତରୁ ୨ଶହ ପରିବାର ବିଜେଡି, କଂଗ୍ରେସ ଛାଡ଼ି ନିମାପଡ଼ା ଭାଜପା ପ୍ରାର୍ଥିନି ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଶନିବାର ଭାଜପାରେ ମିଶିଛନ୍ତି। ଏହି ମିଶ୍ରଣ ପର୍ବରେ ପ୍ରଭାତୀ ଲୋକଙ୍କ ବିଭିନ୍ନ ପ୍ରକାର ସମସ୍ୟା ଉପରେ ବୁଝିଥିଲେ। ଆଗାମୀ ଦିନରେ ସବୁ ସମସ୍ୟା ସମାଧାନ ହେବ ବୋଲି ପରିଡ଼ା କହିଥିଲେ। ଏହି ମିଶ୍ରଣ ପର୍ବରେ ଚାରିଛକ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ଭଗବାନ ମିଶ୍ର, ଧୁଳ ସାହୁ, କୈଳାସ କର, ଜ୍ୟୋତିରଞ୍ଜନ ପାତ୍ର, ବ୍ରଜବନ୍ଧୁ ନାୟକ, ପଦ୍ମଚରଣ ବିଶ୍ୱାଳ, ବାବୁ ବିଶ୍ୱାଳ, ଲକ୍ଷ୍ମୀଧର ମିଶ୍ର, ବିଚିତ୍ରାନନ୍ଦ ମିଶ୍ର, ଲକ୍ଷ୍ମୀଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଘର ଘର ସମ୍ପର୍କ ଅଭିଯାନର ସମୀକ୍ଷା ବୈଠକ

ନିମାପଡ଼ା,୨୭।୪(ରଞ୍ଜନ ପଟ୍ଟନାୟକ):

ଭାଜପା ପକ୍ଷରୁ ଦଳୀୟ କାର୍ଯ୍ୟାଳୟଠାରେ ଶନିବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳୀୟ ନିର୍ବାଚନ ପ୍ରଭାରୀ ରତିକାନ୍ତ ବେହେରାଙ୍କ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପ୍ରତି ପଞ୍ଚାୟତର ଶକ୍ତିକେନ୍ଦ୍ର ପ୍ରମୁଖ, ସହପ୍ରମୁଖ, ସଂଯୋଜକ ସୁଶାନ୍ତ ସ୍ୱାଇଁ ବରିଷ୍ଠ ନେତା ପୂର୍ଣ୍ଣେନ୍ଦ୍ର ଓଝା, ବିଜୟ ପଣ୍ଡା ମଣ୍ଡଳର ସମସ୍ତ ସଭାପତି ଉପସ୍ଥିତ ଥିଲେ। ୬୨ ହଜାର ପରିବାରକୁ ମୋଦିଙ୍କ ଗ୍ୟାରେଣ୍ଟିକାର୍ଡ ନେଇ ପହଞ୍ଚାଇବାକୁ ଯେଉଁ କାର୍ଯ୍ୟକ୍ରମ ହେଉଛି ତାହା ଆଗେଇ ନେବାକୁ ନିଷ୍ପତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ଭାଜପା ପ୍ରାର୍ଥୀ ପ୍ରଭାତୀ ପରିଡ଼ା ଉପସ୍ଥିତ ଥିଲେ। ଘର ଘର ସମ୍ପର୍କ ଅଭିଯାନକୁ କ୍ୟାମ୍ପେନ ମୋଡ଼ରେ ୫ ଦିନ ମଧ୍ୟରେ ସାରିବାକୁ ନିଷ୍ପତି ଗ୍ରହଣ କରାଯାଇଛି ବୋଲି ପରିଡ଼ା ସୂଚନା ଦେଇଛନ୍ତି।

## ୪୫ କୃତୀ ପ୍ରତିଯୋଗୀ ପୁରସ୍କୃତ



ପୁରସ୍କୃତ କୃତୀ ପ୍ରତିଯୋଗୀ ।

ପୁରୀ,୨୭।୪(ଅଜିତ୍ ମହାନ୍ତି):

ଦି ସ୍କୁଲ ଅଫ୍ ଟାଏକୋଣ୍ଡୋ ପକ୍ଷରୁ ଗୋପାଳବଲ୍ଲଭ ରୋଡ୍ ଗାଡ଼ିଖାନା ନିକଟସ୍ଥ କ୍ରୀଡ଼ା ପ୍ରାଙ୍ଗଣରେ ବାର୍ଷିକ ବେଲ୍ଟ ମେଡାଲ ଓ ପ୍ରଶଂସାପତ୍ର ବିତରଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ସୁନିଲ କୁମାର ପ୍ରଧାନ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଆସୋସିଏଶନ ସଭାପତି ବ୍ୟୋମକେଶ ଅଭିଳାଷ ପ୍ରସାଦ ଦାସ ଓ ପୁରୀ ଟାଏକୋଣ୍ଡୋ ଆସୋସିଏଶନର ସଭାପତି ଧବଳେଶ ମହାପାତ୍ର ଏବଂ ସମାଜସେବୀ ହରିବନ୍ଧୁ ସାହୁ ଯୋଗଦେଇଥିଲେ। କ୍ରୀଡ଼ା ଦ୍ୱାରା ଆମେ ସୁସ୍ଥ ରହିପାରିବା ବୋଲି ଅତିଥିମାନେ ନିଜ ନିଜ ଅଭିଭାଷଣରେ ମତବ୍ୟକ୍ତ କରି କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୪୫ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ କୋଚ୍ ଅଭିଜିତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ବିନୋଦ ସେନାପତି ମଞ୍ଚ ପରିଚାଳନା କରିଥିଲେ।

# ପରିବେଶ, ପର୍ଯ୍ୟଟନ ପାଇଁ ଟ୍ରାଭେଲ ବ୍ଲଗର୍ସ ଏକାଠି

ଭୁବନେଶ୍ୱର,୨୭।୪(ଶର୍ମିଷ୍ଠା ପାଣିଗ୍ରାହୀ)

**ସଫେଇ କଲେ ଜାହାନିଆ ବେଳାଭୂମି**

ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଭଳି ଏକ ପ୍ରମୁଖ ସମସ୍ୟାକୁ ଯୁବପିଢ଼ି ବୁଝିଲେଣି। ଏଥିସହ ଓଡ଼ିଶାର ପର୍ଯ୍ୟଟନକୁ କିଭଳି ଆଗକୁ ନେଇହେବ ସେଥିପାଇଁ ମଧ୍ୟ ସେମାନେ ଚେଷ୍ଟିତ। ଏହି କ୍ରମରେ ଶନିବାର 'ଚାଲୋ ଓଡ଼ିଶା' ପକ୍ଷରୁ ୩୦ରୁ ଅଧିକ ବ୍ଲଗର୍ସ ଏକାଠି ହୋଇ ପୁରୀ ଜିଲାର ଅସ୍ତରଙ୍ଗସ୍ଥିତ ଜାହାନିଆ ବେଳାଭୂମି ସଫେଇ କରିଛନ୍ତି।

ଓଡ଼ିଶାରେ ଏମିତି ଅନେକ ବେଳାଭୂମି ଅଛି, ଯାହା ଏବେ ମଧ୍ୟ ଲୋକ ଲୋଚନକୁ ଆସିପାରିନାହିଁ। ତନ୍ମଧ୍ୟରୁ ଜାହାନିଆ ବେଳାଭୂମି ଅନ୍ୟତମ। ଏହି ବେଳାଭୂମି ଅପରିଷ୍କାର ହୋଇପଡ଼ିଥିବାରୁ ସେଠାକୁ ବିଶେଷ କେହି ଯାଉନାହାନ୍ତି ଓ ତାହା ଅବହେଳିତ ହୋଇ ପଡ଼ିରହିଛି। ଶନିବାର ସକାଳେ ବ୍ଲଗର୍ସମାନେ ସେଠାରେ ପହଞ୍ଚି ପ୍ଲାଷ୍ଟିକ ବୋତଲ, ଜରି ସମେତ ବିଭିନ୍ନ ଆବର୍ଜନା ସଫେଇ କରିଥିଲେ। ଚାଲୋ ଓଡ଼ିଶାର ସୁରଜ ବଳ ଓ ବିକ୍ରମ କିଶୋର ବେହେରାଙ୍କ ତତ୍ତ୍ୱାବଧାନରେ ଶାନ୍, ସ୍ୱନ୍ଦନ ଦାସ, ଅଭିସ୍ନେହ ରାଉତରାୟ, ଅମିତା ସିଂ, ଶେଖର ଦାସ, ଅମୂଲ୍ୟ ନନ୍ଦ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ। ବ୍ଲଗର୍ସ ଶାନ୍ କହିଛନ୍ତି, କୋଭିଡ୍ ପରଠୁ ଓଡ଼ିଶାର ପର୍ଯ୍ୟଟନକୁ ଟ୍ରାଭେଲ ବ୍ଲଗର୍ସମାନେ ହିଁ ଅଧିକ ଏକ୍ସପ୍ଲୋର କରିଛନ୍ତି। ଆମେମାନେ ଜାଣିବାକୁ ପାଇଲୁ ଯେ, ଜାହାନିଆ ବେଳାଭୂମି ଅପରିଷ୍କାର ହୋଇପଡ଼ିଛି ଓ ଏହାକୁ ସଫା କଲେ ପର୍ଯ୍ୟଟକ ଆସି ବୁଲିପାରିବେ। ତେଣୁ ଆମେ ସଫେଇ ପାଇଁ ନିଷ୍ପତ୍ତି ନେଲୁ। ଏହା ବ୍ୟତୀତ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ବେଳାଭୂମିକୁ ସବୁବେଳେ ସଫା ରଖିବା ଆବଶ୍ୟକ। ବିଭାଗ ଓ ସରକାରୀ ସ୍ତରରେ ଏଭଳି ପ୍ରଚେଷ୍ଟା ହେଲେ ଏହା ଅଧିକ ତ୍ୱରାନ୍ୱିତ ହୋଇପାରିବ।



ଟ୍ରାଭେଲ ବ୍ଲଗର୍ସ ଅସ୍ତରଙ୍ଗସ୍ଥିତ ଜାହାନିଆ ବେଳାଭୂମି ସଫେଇ କରୁଛନ୍ତି ।

# ମା' ବୁଢ଼ୀମାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ପୁରୀ,୨୭।୪(ଅଜିତ୍ ମହାନ୍ତି)

ପୁରୀ ନରେନ୍ଦ୍ର କୋଣସ୍ଥିତ ଶକ୍ତି ବିହାର ବୁଢୀମା ନାଗା କମିଟି ପକ୍ଷରୁ ମା' ବୁଢୀମାଙ୍କ ନୂତନ ମନ୍ଦିର ଓ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ କଲ୍ୟାଣ, ଅଜ୍ଞାନରୁ ଜ୍ଞାନର ଆଲୋକ ପ୍ରାପ୍ତି ପାଇଁ ସ୍ଥାନୀୟ ବାସିନ୍ଦା ଏହି ମନ୍ଦିର ନିର୍ମାଣ କରିଛନ୍ତି। ମା' ବୁଢୀମା ସତୁରି ବର୍ଷ ଧରି ସାହାଡ଼ା ଗଛ ମୂଳରେ ପୂଜା ପାଉଥିଲେ। ମା'ଙ୍କ କରୁଣାରୁ ନୂତନ ମନ୍ଦିର ନିର୍ମାଣ ପରେ ମା'ଙ୍କ ମୁଖ ସ୍ଥାପନ ସହ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଛି। ବୈଦିକ ବିଧିବିଧାନ ଅନୁସାରେ କଳସ ଶୋଭାଯାତ୍ରା କରାଯାଇଥିଲା। ନରେନ୍ଦ୍ର ପୁଷ୍କରିଣୀରୁ କଳସରେ ପାଣି ଭର୍ତ୍ତି କରି ଦୁଇଶହରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଏହି ଶୋଭାଯାତ୍ରାରେ ବାଜା ଘଣ୍ଟ ଓ କାହାଳୀ ସହ ମା'ଙ୍କ ମନ୍ଦିରରେ ପାରମ୍ପରିକ ନୀତିରେ ପହଞ୍ଚିଥିଲେ। ଯଜ୍ଞ ପାଇଁ ୨୬ ତାରିଖରେ ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଥିଲା। ୨୭ ତାରିଖରେ ଠାକୁରଙ୍କ ସ୍ନାନ ଓ ଜଳଯାତ୍ରା, ଦେବୀଙ୍କ ସ୍ନାନ ଓ ବିଶ୍ରାମ ଅନୁଷ୍ଠିତ ହୋଇଛି। ଏହି ପ୍ରତିଷ୍ଠା ଉତ୍ସବ ଯଜ୍ଞରେ କର୍ତ୍ତା ଭାବେ ରାଜକିଶୋର ସିଂହ ଓ କର୍ତ୍ତ୍ରୀ ଭାବେ ରାଜଶ୍ରୀ ସିଂହ ଉପସ୍ଥିତ ରହି ନୀତି ସମ୍ପାଦନ କରିଥିଲେ। କମିଟିର ସଭାପତି ବାବୁଲି ପ୍ରଧାନ, ଉପସଭାପତି ହୁକୁନା ଦାସ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସହସମ୍ପାଦକ ବାବୁନା ଦାସ, କୋଷାଧ୍ୟକ୍ଷ ଏମ୍‌ଡି ରଫିପ୍ ପ୍ରମୁଖ ଏହି ଧାର୍ମିକ କାର୍ଯ୍ୟକୁ ପରିଚାଳନା କରିଥିଲେ। ବିରଞ୍ଚିନାରାୟଣ ଦାସ, ବଳରାମ ଦାସଙ୍କ ସମେତ କମିଟିର ବହୁ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରବିବାର ଯଜ୍ଞ କାର୍ଯ୍ୟ, ଦେବଦେବୀଙ୍କ ପୂଜନ, ଘୃତ ଆହୁତି, ସନ୍ଧ୍ୟା ନ୍ୟାସ ଓ ବିଶ୍ରାମ ନୀତି ଅନୁଷ୍ଠିତ ହେବ। ସେହିପରି ୨୯ ତାରିଖ ସୋମବାର ନ୍ୟାସ, ଦେବୀ ଯଜ୍ଞ ମଣ୍ଡପରେ ବିଜେ ଓ ଚଣ୍ଡୀପୀଠ ସହ ଆହୁତି ପ୍ରଦାନ କରାଯିବ। ଏଥିସହ ନଗର ବିଜେ ଓ ମନ୍ଦିରରେ ମା' ବିଜେ କରିବେ। ୩୦ ତାରିଖ ମଙ୍ଗଳବାର ସୂର୍ଯ୍ୟପୂଜା, ଗୀତାପାଠ, ବଡ଼ସିଂହାର ବେଶ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟିର କର୍ମକର୍ତ୍ତାମାନେ ସୂଚନା ପ୍ରଦାନ କରିଛନ୍ତି।



କଳସ ଯାତ୍ରାରେ ଯାଉଥିବା ଭକ୍ତମାନେ ।

## ସଂକ୍ଷେପରେ

### ଭାଜପା ପ୍ରାର୍ଥୀଙ୍କୁ ଦୁର୍ବ୍ୟବହାର

କଟକ ସଦର, ୨୭।୪ (ସୁଶାନ୍ତ କୁମାର ଜେନା)

କଟକ ସଦର ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ଶୁକ୍ରବାର ସ୍ଥାନୀୟ ବରାଳ ବଜାରରେ କେତେଜଣ ଲୋକ ଦୁର୍ବ୍ୟବହାର କରିଛନ୍ତି। ଏନେଇ ପ୍ରକାଶ ୪୨ ମୌଜା ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୧୪୩/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଜନ ସମ୍ପର୍କ ସ୍ଥାପନ ପାଇଁ ପ୍ରକାଶ ୪୨ ମୌଜାର ବିଭିନ୍ନ ପଞ୍ଚାୟତ ବୁଲୁଥିଲେ। ସେହି ଦଳର ୨ ଜଣ ଲୋକ ହଠାତ୍ ବରାଳ ବଜାରକୁ ଆସି ତୁ କାହିଁକି ଆମ ଫୋନ୍ ଉଠାଉ ନାହୁଁ ବୋଲି କହି ଦୁର୍ବ୍ୟବହାର କରିଥିଲେ।

### ବିଜେଡିର ମିଶ୍ରଣ ପର୍ବ

କଟକ, ୨୭।୪ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ହରିପୁରସ୍ଥିତ ଏକ ହୋଟେଲରେ ବାରବାଟୀ-କଟକ ବିଜେଡି ପକ୍ଷରୁ ଶନିବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡି କଟକ ଜିଲା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବିଧାନସଭା ପ୍ରାର୍ଥୀ ପ୍ରକାଶ ବେହେରା, ନଗର ସଭାପତି ମଧୁସୂଦନ ସାହୁ, ଜିଲା କୋଅର୍ଡିନେଟର ଶୋଭନ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ କଂଗ୍ରେସର ପୂର୍ବତନ କର୍ପୋରେଟର ଅରୁଣ ସେଠୀଙ୍କ ସମେତ ବହୁ କର୍ମୀ କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଥିଲେ। ଏନେଇ ଦେବାଶିଷ କହିଛନ୍ତି, କଂଗ୍ରେସର ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହା ହିଁ କଂଗ୍ରେସର ଦୁର୍ବଳତାକୁ ସାମ୍ନାକୁ ଆଣିଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# କଟକ: ୨୯ରେ ପ୍ରକାଶ ପାଇବ ନିର୍ବାଚନ ବିଜ୍ଞପ୍ତି

କଟକ, ୨୭।୪ (କାର୍ତ୍ତିକ ସାହୁ)

- ରାଜନୈତିକ ନେତୃବୃନ୍ଦଙ୍କୁ ନେଇ ବୈଠକ
- ସହଯୋଗ କାମନା କଲେ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ

ଆସନ୍ତା ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି। ନିର୍ବାଚନ ନିମନ୍ତେ ଆସନ୍ତା ୨୯ ତାରିଖରେ କଟକ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବ। ତେବେ ଏହା ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ନେଇ ଏକ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି।

ସୂଚନା ଅନୁସାରେ, ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ବିଭିନ୍ନ ରାଜନୈତିକ ଦଳର ଆଶାୟୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି। କେତେକ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ନିର୍ବାଚନୀ ଦୃଶ୍ୟପଟରେ ନିଜର ଭାଗ୍ୟ ପରୀକ୍ଷା ପାଇଁ ଆଗେଇ ଆସିଲେଣି। ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ବିଭିନ୍ନ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଚୟନ ଚୂଡ଼ାନ୍ତ କରିଥିବାବେଳେ କେତେକ ନିର୍ବାଚନମଣ୍ଡଳିରେ ନିର୍ଣ୍ଣାୟକ ସ୍ଥିତି ଏଯାଏ ହୋଇପାରିନାହିଁ। ଶେଷ ମୁହୂର୍ତ୍ତରେ ବି ପ୍ରାର୍ଥୀ ବଦଳାଇବାର ଆଶଙ୍କା ରହିଛି। କେତେବେଳେ କାହା ନାମ ପ୍ରାର୍ଥୀ ତାଲିକାରୁ ବାଦ୍ ପଡ଼ିଯିବ ତାହା କହିବା ମୁସ୍କିଲ। ଏସବୁ ସତ୍ତ୍ୱେ ଭୋଟରଙ୍କ ନିକଟତର ହେବା ପାଇଁ ନୂଆ ଓ ପୁରୁଣା ମୁହଁ ଥିବା ପ୍ରାର୍ଥୀମାନେ ପ୍ରତିଦିନ ଜୋର୍‌ଦାର୍ କାର୍ଯ୍ୟକ୍ରମ କରୁଛନ୍ତି। କଟକ ଜିଲାର କେତେକ ସ୍ଥାନରେ ପ୍ରାକ୍ ନିର୍ବାଚନୀ ହିଂସା ମଧ୍ୟ ସଂଘଟିତ ହୋଇସାରିଲାଣି। ତେବେ ପ୍ରଶାସନ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ନିମନ୍ତେ ଯୋଜନା ପ୍ରସ୍ତୁତି କରିଛି। ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଅରିନ୍ଦମ ଡାକୁଆ, ଜିଲା ଅତିରିକ୍ତ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ଜିଲା ଅତିରିକ୍ତ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ରାଜନୈତିକ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ନିର୍ବାଚନର ସୁପରିଚାଳନା ନିମନ୍ତେ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ରାଜନୈତିକ ନେତୃବୃନ୍ଦଙ୍କ ସହଯୋଗ କାମନା କରିଥିଲେ। ରାଜନୈତିକ ନେତୃବୃନ୍ଦ ସାମ୍ପ୍ରତିକ ପରିସ୍ଥିତିରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ତେବେ ରାଜନୈତିକ ଦଳ, ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା ପ୍ରାର୍ଥୀମାନଙ୍କ ସହ ନିର୍ବାଚନ ପରିଚାଳନା କରୁଥିବା ପ୍ରଶାସନ ମଧ୍ୟରେ ପାରସ୍ପରିକ ସହଯୋଗ ଉପରେ ଆଲୋଚନା ହୋଇଥିଲା। ଯେପରି ନିର୍ବାଚନ ସମୟରେ କୌଣସି ସ୍ଥାନରେ ହିଂସାତ୍ମକ କାର୍ଯ୍ୟକଳାପ ଦେଖା ନ ଯାଏ ସେଥିପ୍ରତି ରାଜନୈତିକ ଦଳଗୁଡ଼ିକର ନେତୃବୃନ୍ଦ ସଚେତନ ରହିବେ ବୋଲି କହିଥିଲେ। ତେବେ ଆସନ୍ତା ୨୯ ତାରିଖରେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସବୁକିଛି ସ୍ପଷ୍ଟ ହେବ। ଏହାପୂର୍ବରୁ ନିର୍ବାଚନରେ ପ୍ରମୁଖ ଯୋଗଦାନ ରହୁଥିବା ଭୋଟରମାନଙ୍କୁ ମନାଇବା ପାଇଁ ପ୍ରଶାସନ ବିଭିନ୍ନ ଉପାୟରେ ପ୍ରୟାସ ଜାରି ରଖିଛି। ଏପରି କି ଘରକୁ ଯାଉଥିବା ଗ୍ୟାସ୍ ସିଲିଣ୍ଡରରେ ମତଦାନ ସଚେତନତା ବାର୍ତ୍ତା ଥିବା ପୋଷ୍ଟର ଲଗାଇ ଲୋକଙ୍କୁ ସଚେତନ କରାଯାଉଛି। ଜିଲାରେ ଶତ ପ୍ରତିଶତ ମତଦାନ ନିମନ୍ତେ ଜିଲା ପ୍ରଶାସନ ସମସ୍ତ ପ୍ରକାର କୌଶଳ ଉପଯୋଗ କରୁଥିବା ଜଣାପଡ଼ିଛି।



ନୂଆ ରୂପରେ ତୁଳସୀପୁରସ୍ଥିତ କଟକ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମାଧି ପୀଠ।

## ଛତ୍ରବଜାରରେ ବ୍ୟବସାୟୀଙ୍କ ସହ ଆଲୋଚନା କଲେ ସଂତୃପ୍ତ



ଜନସାଧାରଣଙ୍କ ଗହଣରେ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର।

କଟକ, ୨୭।୪ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଛତ୍ରବଜାର ପରିବା ମାର୍କେଟ ନିକଟରେ ବିଜେଡି କର୍ମୀଙ୍କ ଚା’ ଖଟି ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ୱାର୍ଡବାସୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପରେ ଛତ୍ରବଜାର ପରିବା ମାର୍କେଟ ବୁଲି ବ୍ୟବସାୟୀଙ୍କ ସମସ୍ୟା ପଚାରି ବୁଝିଥିଲେ ସଂତୃପ୍ତ। ଏ ସମ୍ପର୍କରେ ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ବହୁ ବିକାଶ କରିଛନ୍ତି। ଏଥିସହ ବ୍ୟବସାୟୀଙ୍କ ପାଇଁ ସୁବିଧା କରିଛନ୍ତି। ବାକି କାର୍ଯ୍ୟ ଆଗାମୀ ଦିନରେ ପୂରା କରାଯିବ। ତେଣୁ ରାଜ୍ୟର ବିକାଶ ପାଇଁ ଯୋଡି ଶଙ୍ଖରେ ମୋହର ମାରିବା ପାଇଁ ନିବେଦନ କରୁଛି। ଏହି କାର୍ଯ୍ୟକ୍ରମରେ ନଗର କମିଟି ଉପସଭାପତି ରାଜେନ୍ଦ୍ର ରଣା, ସାଧାରଣ ସମ୍ପାଦକ ତାପସ ମହାନ୍ତି, ସିଏମ୍‌ସିର ୩୮ନଂ. ୱାର୍ଡ ପର୍ଯ୍ୟବେକ୍ଷକ ଇଂ. ଆଶିଷ କୁମାର ସ୍ୱାଇଁ, ୱାର୍ଡ ସଭାପତି ସତ୍ୟବ୍ରତ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ବିଭୂତି ଭୂଷଣ ସ୍ୱାଇଁ, ସିଏମ୍‌ସିର ୩୬ନଂ. ୱାର୍ଡ ସଭାପତି ଦେବେନ୍ଦ୍ର ବାରିକ, ୱାର୍ଡ ଯୁବ ସଭାପତି ପ୍ରସନ୍ନ ରାଉତ, ଛାତ୍ର ସଭାପତି ରାହୁଲ ଲେଙ୍କା, ନଗର କମିଟି ସମ୍ପାଦକ ପ୍ରଭାକର ନନ୍ଦ ଓ ସୁକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପାଞ୍ଚସାହି ତୈଳିକ ବୈଶ୍ୟ ସମାଜର କାର୍ଯ୍ୟକାରିଣୀ ବୈଠକ

କଟକ, ୨୭।୪ (କାର୍ତ୍ତିକ ସାହୁ)

କଟକ ସହର ପାଞ୍ଚ ସାହି ତୈଳିକ ବୈଶ୍ୟ ସମାଜର କାର୍ଯ୍ୟକାରିଣୀ କମିଟି ବୈଠକ ତୁଳସୀପୁରସ୍ଥିତ ଜେବିଏସ୍ ଗାର୍ଡେନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମାଜର ପରବର୍ତ୍ତି ସାଧାରଣ ସଭା, କର୍ମକର୍ତ୍ତା ନିର୍ବାଚନ, ସୁଦୃଢୀକରଣ ପାଇଁ ପଦକ୍ଷେପ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭଲମନ୍ଦ କାର୍ଯ୍ୟରେ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ହୋଇ ଭାଇଚାରା ସୃଷ୍ଟି କରିବା, ପୁରୀଠାରେ ସ୍ୱଜାତୀୟ ଧର୍ମଶାଳାର ପୁନରୁଦ୍ଧାର ପାଇଁ ପାଣ୍ଠି ସଂଗ୍ରହ ଓ ସମସ୍ତଙ୍କୁ ସଂଗଠିତ କରିବା ଦିଗରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଚେୟାରମ୍ୟାନ ରାକେଶ ସାହୁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ନରେନ୍ଦ୍ର ସାହୁ, ନାରାୟଣ ସାହୁ, ବସନ୍ତ ସାହୁ, ଅଶୋକ ସାହୁ, କାଶୀନାଥ ସାହୁ, ଦେବେନ୍ଦ୍ର ସାହୁ, ବିଶ୍ୱମ୍ଭର ସାହୁ, ନୀହାର ରଞ୍ଜନ ସାହୁ ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ। ସୁଭାଷିନୀ ସାହୁ ଧନ୍ୟବାଦ ଦେଇଥିଲେ।

## ନିର୍ବାଚନ ପାଇଁ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



କଣ୍ଡାପଡା, ୨୭।୪ (ସୁରନାରାୟଣ ସାହୁ)

ଆସନ୍ତା ନିର୍ବାଚନକୁ ଶୃଙ୍ଖଳିତ କରିବା ପାଇଁ ଗୋବିନ୍ଦପୁର ପୋଲିସ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ଶନିବାର ସଶସ୍ତ୍ର ପୋଲିସ ଫୋର୍ସକୁ ନେଇ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। କଟକ ସଦର ଏସ୍‌ଡିପିଓ କିରଣ ହେମ୍ବ୍ରମ, ଗୋବିନ୍ଦପୁର ଥାନା ଆଇଆଇସି ରବିନାରାୟଣ ବେହେରାଙ୍କ ନେତୃତ୍ୱରେ ୩ ପ୍ଲାଟୁନ୍ ଫୋର୍ସ ଗୋବିନ୍ଦପୁର ଥାନା ଅଞ୍ଚଳର ପାଟସୁନ୍ଦରପୁର, ବ୍ରାହ୍ମଣବାଟୀ, ପୋସ୍ତଳ ଓ ଉରାଳି ପଞ୍ଚାୟତରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲା।

## ମନ୍ଦିର ଦାନବାକ୍ସରୁ ମିଳିଲା ୬ଭରି ସୁନା

କଟକ ସଦର, ୨୭।୪ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସନାଥ ଦେବଙ୍କ ମନ୍ଦିର ଦାନବାକ୍ସରୁ ୬ ଭରି ସୁନା ମିଳିଛି। ଏହି ସୁନା ଗତ ଜାଗରଯାତ୍ରା ସମୟରେ କେହି ଭକ୍ତ ଦାନବାକ୍ସରେ ପକାଇଥିଲେ। ପରେ ମନ୍ଦିର କାର୍ଯ୍ୟନିର୍ବାହୀ ପ୍ରସନ୍ନ କୁମାର ମଲ୍ଲ ବଣିଆଙ୍କ ପାଖରେ ପରୀକ୍ଷା କରିବାରୁ ତାହା ଅସଲି ସୁନା ବୋଲି ଜଣାପଡିଥିଲା। ମନ୍ଦିର ନିର୍ମାଣ ହେବା ଦିନଠାରୁ ଏତେ ପରିମାଣର ସୁନା ମିଳିବା ପ୍ରଥମ ଘଟଣା ବୋଲି କୁହାଯାଉଛି। ଏହି ସୁନାକୁ ମା’ ପାର୍ବତୀଙ୍କର ହାର କରିବାକୁ କେତେଜଣ ସେବାୟତ ପ୍ରସ୍ତାବ ଦେଇଛନ୍ତି। ଅନ୍ୟମାନେ ସୁନାକୁ ବିକ୍ରି କରି ଉନ୍ନୟନମୂଳକ କାମରେ ଲଗାଇବା ପାଇଁ ମନ୍ଦିର ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ୩ବର୍ଷ ହେବ ମନ୍ଦିର ଟ୍ରଷ୍ଟ ବୋର୍ଡ ଗଠନ ହୋଇନାହିଁ। ଏହା ଗଠନ ସରିବା ପରେ ଟ୍ରଷ୍ଟିମାନଙ୍କ ମତାମତ ଓ ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତଙ୍କ ନିର୍ଦ୍ଦେଶରେ ଯାହାକିଛି କରାଯିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ମଲ୍ଲ ସୂଚନା ଦେଇଛନ୍ତି।

## ଚୋରା ମଦ ବ୍ୟବସାୟୀଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗୁ

ଖୁଣ୍ଟୁଣୀ, ୨୭।୪ (ସଚ୍ଚିଦାନନ୍ଦ ପଣ୍ଡା)

**ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ ଘଟଣା**

ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଗିରଫ ହୋଇ ଖୁଣ୍ଟୁଣୀ ଆଦର୍ଶ କାରାଗାରରେ ସଜା ଭୋଗୁଥିବା ଭୁଟୁରି ଓରଫ ସୁରେନ୍ଦ୍ର ସ୍ୱାଇଁଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ(ଏନ୍‌ଏସ୍‌ଏ) ଲାଗୁ ହୋଇଛି। ଫଳରେ ଭୁଟୁରି ଶନିବାରଠାରୁ ଅନ୍ୟାଦେଶ ପର୍ଯ୍ୟନ୍ତ ବେଲ୍ ପାଇବେ ନାହିଁ ବୋଲି ଖୁଣ୍ଟୁଣୀ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି। ସୂଚନାଯୋଗ୍ୟ, ଖୁଣ୍ଟୁଣୀ ଥାନା ଅଧୀନ ଡାଲୁଆ ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲରେ ସୁରେନ୍ଦ୍ର ଦୀର୍ଘବର୍ଷ ଧରି ଦେଶୀ ମଦ ରାନ୍ଧୁଥିଲେ। ଏ ସମ୍ପର୍କରେ ଖବର ମିଳିବା ପରେ ଗତ ମାସ ୨୩ ତାରିଖରେ ଅବକାରୀ ବିଭାଗ ପକ୍ଷରୁ ଉକ୍ତ ଜଙ୍ଗଲରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀମଦ ଜବତ କରାଯିବା ସହ ସୁରେନ୍ଦ୍ରଙ୍କୁ ଗିରଫ କରାଯାଇଥିଲା। ଏନେଇ ଖୁଣ୍ଟୁଣୀ ଥାନାରେ ଏକ ମାମଲା(ନଂ.୭୨/୨୪) ରୁଜୁ ହୋଇଥିଲା। ସୁରେନ୍ଦ୍ର ଏବେ ଜେଲରେ ଥିବାବେଳେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଶନିବାର କଟକ ଜିଲାପାଳଙ୍କ ନିର୍ଦ୍ଦେଶ ପାଇବା ପରେ ପୋଲିସ ସୁରେନ୍ଦ୍ରଙ୍କ ସମ୍ପର୍କରେ ଜେଲ ସମେତ କୋର୍ଟକୁ ଜଣାଇଛନ୍ତି।

## କର୍କଟ ରୋଗ ନିରାକରଣ ପାଇଁ ସ୍କ୍ରିନିଂ, ଟିକାକରଣ ଆବଶ୍ୟକ




ମଙ୍ଗୁଳି-ଜଗତପୁର, ୨୭।୪ (ମାନସ ସାମଲ)

**ସଦ୍‌ଗୁରୁ ହସ୍ପିଟାଲରେ କର୍କଟ ସଚେତନତା କାର୍ଯ୍ୟକ୍ରମ**

କଟକ ରୋଟାରି କ୍ଲବ୍ ଗୋଲ୍‌ଡେନ୍ ଷ୍ଟାର୍ ପକ୍ଷରୁ ଜଗତ୍‌ପୁରସ୍ଥିତ ସଦ୍‌ଗୁରୁ ହସ୍ପିଟାଲର ସମ୍ମିଳନୀ କକ୍ଷରେ ଜରାୟୁ ଗ୍ରୀବା କର୍କଟ ଉପରେ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ନାରୀମାନଙ୍କଠାରେ ଦ୍ୱିତୀୟ ସର୍ବାଧିକ କର୍କଟ ରୋଗ ମଧ୍ୟରେ ଜରାୟୁ ଗ୍ରୀବା କର୍କଟ ଏକ ମୁଖ୍ୟ ରୋଗ ରୂପେ ଦେଖାଦେଇଛି। ଏହି ରୋଗର ନିରାକରଣ ନିମନ୍ତେ ସ୍କ୍ରିନିଂ ଏବଂ ଟିକାକରଣ ଅତ୍ୟନ୍ତ ଆବଶ୍ୟକ। ୨୦୩୦ ସୁଦ୍ଧା ୯୦ ପ୍ରତିଶତ ଜରାୟୁ କର୍କଟରେ ପୀଡିତ ମହିଳାଙ୍କର ଚିକିତ୍ସା କରାଇବା ସରକାରଙ୍କ ଲକ୍ଷ୍ୟ ରହିଛି। ଯାହାଫଳରେ ଆମେ ଜରାୟୁ ଗ୍ରୀବା କର୍କଟ ରୋଗର ନିରାକରଣ କରିପାରିବା ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ରୋଟାରି କ୍ଲବ ଗୋଲ୍‌ଡେନ୍ ଷ୍ଟାର ସଭାପତି ପ୍ରଫେସର ଡା. ଶଶି ଭୂଷଣ ରାଉତ ଓ ସମ୍ପାଦକ ବିରଜା ସ୍ୱାଇଁ ଯୋଗଦେଇଥିଲେ। ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର କର୍କଟ ରୋଗ ବିଭାଗ ମୁଖ୍ୟ ପ୍ରଫେସର ଡା. ଭାଗ୍ୟଲକ୍ଷ୍ମୀ ନାୟକ, ଏସ୍‌ସିବି ମେଡିକାଲ କଲେଜର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ମୁଖ୍ୟ ପ୍ରଫେସର ଡା. ତୁଷାର କର ଯୋଗଦେଇ ମହିଳାଙ୍କଠାରେ ଦେଖାଯାଉଥିବା ବିଭିନ୍ନ ପ୍ରକାର କର୍କଟ ରୋଗ ଉପରେ ଆଲୋକପାତ କରିଥିଲେ। ହସ୍ପିଟାଲର ରେଡିଏଶନ ବିଭାଗର ଡା. ସୌମ୍ୟରଞ୍ଜନ ମିଶ୍ର ଏବଂ ଡା. ସୁଲଗ୍ନା ମହାନ୍ତି ଯୋଗଦେଇ ୯ ରୁ ୨୬ ବର୍ଷ ବୟସର ସମସ୍ତ ଝିଅ ଓ ମହିଳାଙ୍କ ଟିକାକାରଣ କରିବା, ୩୫ ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କର ପାପସ୍ମିୟର ଏଚ୍‌ପିଭି ଡିଏନ୍‌ଏ ଟେଷ୍ଟିଂ କରିବାକୁ ପରାମର୍ଶ ଦେଇଥିଲେ। ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡ. ପ୍ରଦୀପ କୁମାର ମହାନ୍ତି ଓ ମେଡିକାଲ ଅଧୀକ୍ଷକ ଡା. ସମିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଦଳୁଛି ଟ୍ରେଣ୍ଡ୍, ରୋଗ କିଣୁଛି ମଣିଷ

କଟକ, ୨୭।୪ (ଦିବାକର ସାହୁ)



ମଣିଷ ଆଧୁନିକତାର ସ୍ରୋତରେ ଆଗେଇ ଚାଲିଛି। ସମୟ ସହ ତାଳ ଦେଇ ଦିନକୁ ଦିନ ଖାଦ୍ୟପେୟ, ଚାଲିଚଳଣିରେ ପରିବର୍ତ୍ତନ କରୁଛି। ପୂର୍ବରୁ କୌଣସି ଉତ୍ସବ ପାଳନ ପାଇଁ ଘରେ ଖିରି, ପୁରି, ତରକାରି ଆଦି ଖାଦ୍ୟ ରନ୍ଧାଯାଇ ବନ୍ଧୁବାନ୍ଧବ, ସାଙ୍ଗସାଥୀଙ୍କୁ ପରଷା ଯାଉଥିଲା। ହେଲେ ବର୍ତ୍ତମାନ ଏହା କାଁ ଭାଁ ଦେଖିବାକୁ ମିଳୁଛି। ଆଧୁନିକ ଯୁଗରେ ଉତ୍ସବ ପାଳନର ଟ୍ରେଣ୍ଡ୍ ପାଲଟିଛି କେକ୍। ଜନ୍ମଦିନ, ନିର୍ବନ୍ଧ, ବିବାହ ବାର୍ଷିକୀ କିମ୍ବା ବିଦାୟକାଳୀନ ସମ୍ବର୍ଦ୍ଧନା ହେଉ କେକ୍ କଟାଯାଇ ଉତ୍ସବ ମନାଯାଉଛି। ହେଲେ ଏହି କେକ୍ ଶରୀର ପାଇଁ କେତେ ମାତ୍ରାରେ ଉପଯୋଗୀ ତାକୁ କେହି ପରଖୁନାହାନ୍ତି। ଗତ କିଛିଦିନ ତଳେ ପଞ୍ଜାବ ପଟିଆଲାରେ ଘଟିଥିବା ଏକ ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିଲା।

ଘଟଣାନୁସାରେ, ପଟିଆଲାର ଏକ ପରିବାର ୧୦ ବର୍ଷୀୟ ଝିଅ ମାନ୍‌ଭିର ଜନ୍ମଦିନ ପାଳନ ପାଇଁ ନିକଟସ୍ଥ ଏକ ବେକ୍‌ରିରୁ କେକ୍ ଅର୍ଡର କରିଥିଲେ। ପରିବାର ସହ ସମସ୍ତେ ଖୁସିରେ କେକ୍ କାଟିବା ପରେ ଏହାକୁ ଖାଇଥିଲେ। ହେଲେ ରାତି ୧୦ଟା ବେଳକୁ ପରିବାରର ସମସ୍ତ ସଦସ୍ୟ ଅସୁସ୍ଥ ହୋଇପଡ଼ିଥିଲେ। ସକାଳୁ ମାନ୍‌ଭିଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ବିଗିଡ଼ିଯାଇଥିଲା। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗଣମାଧ୍ୟମର ରିପୋର୍ଟ ଅନୁସାରେ ଉକ୍ତ କେକ୍‌ର ନମୁନା ସଂଗ୍ରହ କରି ପୋଲିସ ପରୀକ୍ଷଣ ପାଇଁ ପଠାଇଥିଲା। ପରୀକ୍ଷାରୁ ଉକ୍ତ କେକ୍‌ରେ ସିନ୍ଥେଟିକ୍ ସ୍ୱିଟ୍‌ନର ବା ସାକାରିନ୍ ଅଧିକ ମାତ୍ରାରେ ଥିଲା, ଯାହାକି ମୃତ୍ୟୁର କାରଣ ହୋଇଥାଇପାରେ ବୋଲି କୁହାଯାଇଥିଲା। କେକ୍‌ରେ ମିଶ୍ରଣ କରାଯାଉଥିବା ଏହି ସାକାରିନ୍ ଖାଦ୍ୟକୁ ମିଠା କରାଇଥାଏ। କିନ୍ତୁ ଏହାର ଅତ୍ୟଧିକ ବ୍ୟବହାର ଶରୀରରେ ରକ୍ତର ଗ୍ଳୁକୋଜ ସ୍ତରକୁ ବୃଦ୍ଧି କରାଇଥାଏ, ଯାହାକି ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।



“କେକ୍‌ରେ ସାକାରିନ ଅଳ୍ପ ପରିମାଣରେ ବ୍ୟବହାର ହେବା ଉଚିତ। ଏହାର ଅତ୍ୟଧିକ ବ୍ୟବହାର କିମ୍ବା ବହୁତ ଦିନ ଧରି ଏହାକୁ ଖାଦ୍ୟ ପଦାର୍ଥରେ ବ୍ୟବହାର କଲେ, ଏହା ଶରୀରକୁ କ୍ଷତି ପହଞ୍ଚାଇଥାଏ। ଏହାଛଡ଼ା ଏଥିରେ ବ୍ୟବହୃତ ମଇଦା ଏବଂ କ୍ରିମ୍ ମୋଟାପଣ ବୃଦ୍ଧି କରିବାରେ ସହାୟକ ହୁଏ। କିଛି କ୍ଷେତ୍ରରେ ଏହା ହାର୍ଟ ଆଟାକ୍ ଭଳି ରୋଗ ସୃଷ୍ଟି କରିବା ଆଶଙ୍କା ରହିଛି।

**ନିରଜ କୁମାର ମିଶ୍ର, ବରିଷ୍ଠ ଡାକ୍ତର**



“ସମସ୍ତେ ଦେଖାଦେଖି ହୋଇ ଉତ୍ସବ ମନାଇବା ପାଇଁ କେକ୍ କିଣୁଛନ୍ତି। ବର୍ତ୍ତମାନ ସମୟରେ ଏହା ଟ୍ରେଣ୍ଡ ପାଲଟିଛି। ଏହି କାରଣରୁ ଅଧିକାଂଶ ସ୍ଥାନରେ ବେକ୍‌ରି ଦୋକାନ ଖୋଲିଛି। ଭଲ ରୋଜଗାର ହେଉଛି। କେକ୍ ପାଇଁ ଆମ ପରିବାର ଚଳୁଛି କହିଲେ ଚଳେ। ସମସ୍ତ କେକ୍ କାରଖାନାରେ ପରୀକ୍ଷଣ ହୋଇଆସୁଛି। ମାନ ଠିକ୍ ରହୁଥିବାରୁ ଏପର୍ଯ୍ୟନ୍ତ ଆମ ପାଖକୁ ଅଭିଯୋଗ ଆସିନି।

**ଚିତ୍ତରଞ୍ଜନ ସାହୁ, ବ୍ୟବସାୟୀ**



“ସମୟ ବଦଳିଛି। ତେଣୁ ବର୍ତ୍ତମାନର ଯୁବପିଢ଼ି ଏହା ସହ ତାଳଦେଇ ଚାଲିଛନ୍ତି। ଯୁବପିଢ଼ି ଏବେ ଜନ୍ମଦିନ ପାଇଁ ବିଭିନ୍ନ ଜାଗା ଚୟନ କରୁଛନ୍ତି। କେକ୍‌ଟିଏ କିଣିନେଲେ ଯେକୌଣସି ସ୍ଥାନରେ ବି ଜନ୍ମଦିନ ପାଳନ ହୋଇପାରୁଛି। ଘରେ ଖିରି, ପୁରି, ତରକାରି କରି ସାଙ୍ଗସାଥୀଙ୍କୁ ଡାକିବା ଅପେକ୍ଷା ଏହା ବହୁତ ସୁବିଧା ହେଉଛି।

**ରମେଶ ଚନ୍ଦ୍ର ବାରିକ, ଛାତ୍ର**



“ସ୍ମାର୍ଟ ଯୁଗରେ ସୁସଜ୍ଜିତ କେକ୍‌ର ଗୁରୁତ୍ୱ ଅଧିକ। ଲୋକଦେଖାଣିଆ କେକ୍ କାଟି ଉତ୍ସବ ମନାଯାଉଛି। ହେଲେ ଏହା ଦେହ ପାଇଁ କେତେ ଭଲ କେତେ କ୍ଷତିକାରକ କେହି ବୁଝୁନାହାନ୍ତି। ଏଥିରେ ଅତ୍ୟଧିକ ପରିମାଣରେ ମିଠା ମିଶ୍ରଣ କରାଯାଉଛି, ଯାହାକି ଦେହପାଇଁ ବହୁତ ଖରାପ। ତେଣୁ ଯୁବପିଢ଼ି ଏଥିପାଇଁ ସତର୍କ ହେବା ନିହାତି ଜରୁରୀ।

**ପୂଜା ପାରମିତା ସାହୁ, ଛାତ୍ରୀ**



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨୭।୪।୨୦୨୪

| | |
|---|---|
| ୪,୩୫,୬୭୦ ଟଙ୍କା | |
| ସୁନା | ୩.୧୫୦ ଗ୍ରାମ୍ |
| ରୁପା | ୨୪.୪୪୦ ଗ୍ରାମ୍ |

## ସଂକ୍ଷେପରେ

### ମହାପ୍ରଭୁଙ୍କୁ ଦର୍ଶନକଲେ ପାଣ୍ଡିଆନ

ପୁରୀ,୨୭।୪(ଅଜିତ୍ ମହାନ୍ତି)

ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ଶନିବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପାଣ୍ଡିଆନ ଶନିବାର ରାତି ପ୍ରାୟ ୧୦ ଟା ୩୦ ମିନିଟ୍ ସମୟରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ପରେ ଶ୍ରୀମନ୍ଦିର ଯାଇ ରତ୍ନସିଂହାସନରୂଢ଼ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ ଦର୍ଶନ ପରେ ମା' ବିମଳା, ଲକ୍ଷ୍ମୀ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ପରିକ୍ରମା କରିଥିଲେ।

### ସଚେତନକଲେ ଭୁବନେଶ୍ୱର ଡିସିପି

**ପୋଲିସ ଭୟ ଦେଖାଇ ସାଇବର ଠକେଇ**

ଭୁବନେଶ୍ୱର,୨୭।୪(ସତ୍ୟଜିତ୍ ରାଉତ)

ପୋଲିସ ଭୟ ଦେଖାଇ ସାଇବର ଠକେଇ ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ଏ ନେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଶନିବାର ଭିଡିଓ ଜାରିକରି ଜନସାଧାରଣଙ୍କୁ ସଚେତନ କରିଛନ୍ତି। ସେ କହିଛନ୍ତି, ଆଜିକାଲି ଏକ ନୂଆ ପ୍ରକାରର ସାଇବର ଠକେଇ ହେଉଛି। କୌଣସି ବ୍ୟକ୍ତିଙ୍କୁ କଲ୍ କରାଯାଇ ପାର୍ଶଲ୍ ଆସିଛି ବୋଲି କୁହାଯାଉଛି। ଏହି ପାର୍ଶଲରେ ଡ୍ରଗ୍ସ ଭଳି ବେଆଇନ ସାମଗ୍ରୀ ରହୁଛି। ଏପରିକି ୱାରେଣ୍ଟ ଥିବା କହି ଗିରଫ ଭୟ ଦେଖାଯାଉଛି। ଏହାପରେ ଉକ୍ତ କଲ୍‌କୁ ପୋଲିସ ଅଧିକାରୀ ପରିଚୟ ଦେଉଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଟ୍ରାନ୍ସଫର୍ କରିଦିଆଯାଉଛି। ପରେ ପୀଡ଼ିତଙ୍କୁ ସ୍କାଇପ୍‌ରେ ଲିଙ୍କ୍ ପଠାଯାଉଛି। ସାଇବର ଠକମାନେ ଭିଡିଓ କଲିଂ ମାଧ୍ୟମରେ ପୀଡ଼ିତଙ୍କୁ ଜାଲରେ ଫସାଇ ବ୍ଲାକ୍‌ମେଲ୍ କରି ବ୍ୟାଙ୍କରୁ ଟଙ୍କା ନେଇଯାଉଛନ୍ତି। ଏପରିକି ସାଇବର ଠକମାନେ ଏତେ ଭୟ ଦେଖାଉଛନ୍ତି ଯେ, ସେମାନଙ୍କ ପରାମର୍ଶ ଅନୁଯାୟୀ ପୀଡ଼ିତ କାମ କରିବାକୁ ବାଧ୍ୟ ହେଉଛି। ପ୍ରକୃତ ପକ୍ଷେ ପୋଲିସ ଦ୍ୱାରା ଏମିତି କଲ୍ କରି ଗିରଫ କରାଯାଏ ନାହିଁ। ଏଭଳି କଲ୍ ଆସିଲେ ସେମାନଙ୍କୁ ବିଶ୍ୱାସ କରନ୍ତୁ ନାହିଁ। ଏନେଇ ନିକଟସ୍ଥ ଥାନା କିମ୍ବା ସାଇବର ହେଲ୍ପ ଡେସ୍କକୁ ଜଣାଇବାକୁ ଡିସିପି ପରାମର୍ଶ ଦେଇଛନ୍ତି। ଟଙ୍କା ଠକେଇ ହୋଇଥିଲେ ୧୯୩୦କୁ କଲ୍ କଲେ, ଟ୍ରାଞ୍ଜାକ୍ସନ୍ ବନ୍ଦ କରିବାକୁ ଚେଷ୍ଟା କରିବୁ ବୋଲି ଡିସିପି କହିଛନ୍ତି।

### ପାଉଁରୁଟି ବ୍ୟବସାୟୀ ମୃତ, ଅଂଶୁଘାତ ସନ୍ଦେହ

ମଙ୍ଗୁଳି- ଜଗତ୍‌ପୁର, ୨୭।୪(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କାନପୁର ଗ୍ରାମର ଜଣେ ପାଉଁରୁଟି ବ୍ୟବସାୟୀଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି। ତାଙ୍କ ନାମ ବସନ୍ତ ତରାଇ(୫୫)। ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ସୂଚନା ମୁତାବକ, ପ୍ରତିଦିନ ଭଳି ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ବସନ୍ତ ନିଜ ବାଇକରେ ପାଉଁରୁଟି ଧରି ଟାଙ୍ଗୀ ଓସିଏଲ୍ ବଜାରକୁ ବିକ୍ରି କରିବା ପାଇଁ ଯାଇଥିଲେ। ଏକାଧିକ ଦୋକାନରେ ପାଉଁରୁଟି ବିକ୍ରି କରିବା ପରେ ଅପରାହ୍ନ ପ୍ରାୟ ୨ଟାରେ ସେଠାରୁ ଆସି କୁଷପଡ଼ା ଛକ ଦେଇ ଗରୁଡଗାଁ ବଜାରକୁ ଯାଉଥିବାବେଳେ ବାଟରେ ଚେତାଶୂନ୍ୟ ହୋଇ ତଳେ ପଡିଯାଇଥିଲେ। ଚିକିତ୍ସାଲାଗି ତାଙ୍କୁ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ହରିହର, ଅନୁପମ, ସଞ୍ଜୟଙ୍କୁ ସିନେମା ସମ୍ମାନ



ଉତ୍ସବରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

ପୁରୀ ୨୭।୪( ଅଜିତ୍ ମହାନ୍ତି)

ଓଡ଼ିଆ ଭାଷାଭିତ୍ତିକ ପ୍ରଦେଶ ଗଠନ ପରେ ପୁରୀ ଲକ୍ଷ୍ମୀ ଟକିଜ୍‌ରେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ସୀତାବିବାହ ୧୯୩୬ ଏପ୍ରିଲ ୨୮ତାରିଖରେ ମୁକ୍ତିଲାଭ କରିଥିଲା। ଓଡ଼ିଆ ଚଳଚ୍ଚିତ୍ର ମୁକ୍ତିଲାଭ ୮୮ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଶନିବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସିନେମା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଉତ୍କଳୀୟ ସଂସ୍କୃତି, ପରମ୍ପରା ଓ ଓଡ଼ିଶାର ମୌଳିକ କଥାବସ୍ତୁକୁ ନେଇ ଚଳଚ୍ଚିତ୍ର ନିର୍ମାଣ, ଶ୍ରୀଜଗନ୍ନାଥଙ୍କ ଶ୍ରୀକ୍ଷେତ୍ର ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ନୂତନ ଫିଲ୍ମ ହଲ୍ ନିର୍ମାଣ ଓ ଭଗ୍ନ ସିନେମା ହଲ୍‌ର ପୁନରୁଦ୍ଧାର

**ଓଡ଼ିଆ ସିନେମାର ୮୮ତମ ବର୍ଷ ପୂର୍ତ୍ତି**

ସହ ଓଡ଼ିଆ ଚଳଚ୍ଚିତ୍ର ପାଇଁ ସରକାର ଟିକସ ମୁକ୍ତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ସ୍ମୃତିରେ ଆୟୋଜିତ ଏହି ଉତ୍ସବରେ ଜୀବନବ୍ୟାପୀ ସାଧନା ପାଇଁ ସହ ନିର୍ଦ୍ଦେଶକ ହରିହର ମିଶ୍ର, ଗୀତିକାର ଅନ୍ତର୍ଯ୍ୟାମୀ ମିଶ୍ର, ନିର୍ଦ୍ଦେଶକ ସଞ୍ଜୟ ନାୟକ, ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ, ଚଳଚ୍ଚିତ୍ର ସମୀକ୍ଷକ ଅଶୋକ ପାଲିତ୍, ନିର୍ଦ୍ଦେଶକ ନଟରାଜ ଦେବ ଗୋସ୍ୱାମୀ, ସଙ୍ଗୀତ ନିର୍ଦ୍ଦେଶକ ମହମ୍ମଦ ମୁସୀର ଓ ପ୍ରଶାନ୍ତ ପାଢ଼ୀ, ଲକ୍ଷ୍ମୀ ଟକିଜ୍ ପରିବାରର କୈଳାସ ପାଣ୍ଡେ, ଶ୍ରୀଶ୍ରୀ ପତିତପାବନ ଚଳଚ୍ଚିତ୍ର ପରିବାରରୁ ଦେବୀପ୍ରସନ୍ନ ଗାଙ୍ଗୁଲି, ସିନ୍ଦୂର ବିନ୍ଦୁ ଚଳଚ୍ଚିତ୍ର ପରିବାରରୁ ପ୍ରସନ୍ନ ଗୁରୁ ଓ ରାଜକିଶୋର ପାତ୍ର, ଚିତ୍ରଶିଳ୍ପୀ ବୁଢ଼ା ମହାରଣାଙ୍କ ପୁତ୍ର ରବି ମହାରଣା, ଚିଲିକା ତୀରେ ପାଇଁ ଶ୍ୟାମଘନ ରାୟ ଚୌଧୁରୀଙ୍କ ପରିବାର, ଅଭିନେତ୍ରୀ ନୈନା, ଯୁବ ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ, ପୁଷ୍ପା ପଣ୍ଡା, ସଂଳାପକାର ଡକ୍ଟର ରଜନୀ ରଞ୍ଜନ, ଚଳଚ୍ଚିତ୍ର ପ୍ରଯୋଜକ ତପନ ଦାଶ, ଅଭିନେତ୍ରୀ ପ୍ରତିଭା ପଣ୍ଡା, ସହ-ନିର୍ଦ୍ଦେଶକ ପ୍ୟାରିମୋହନ ଦାଶ, ନିର୍ଦ୍ଦେଶକ ଦୀପକ ଜେନା, ଗୀତିକାର ବଦ୍ରି ମିଶ୍ର, ଅଭିନେତା ଲକ୍ଷ୍ମୀଧର ପୂଜାପଣ୍ଡା, ଅଭିନେତା ବିଶ୍ୱନାଥ ମିଶ୍ର, କଣ୍ଠଶିଳ୍ପୀ ରାଜେନ୍ଦ୍ର ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ଶ୍ରୀଜଗନ୍ନାଥ ମନ୍ଦିରର ବିଶିଷ୍ଟ ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ ଓ ରାଜକିଶୋର ପାତ୍ର ଯୋଗ ଦେଇଥିଲେ। ଫିଲ୍ମଲାର ପରିଚାଳନା ନିର୍ଦ୍ଦେଶକ ଶ୍ୟାମାପ୍ରସାଦ ମିଶ୍ରଙ୍କ ପରିଚାଳନା ଓ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଭୁପ୍ରସାଦ ମିଶ୍ର, ମଧୁସୂଦନ ମିଶ୍ର, ଶ୍ୟାମାପ୍ରକାଶ ସେନାପତି, ଗୌରୀରଞ୍ଜନ ବାରିକ, ଶିବ ସୁନ୍ଦର ମିଶ୍ର ସହଯୋଗ କରିଥିବାବେଳେ ଏହାକୁ ଗୁଡ଼ି ଓ ଦେବକନ୍ୟା ମିଶ୍ର ସଞ୍ଚାଳନ କରିଥିଲେ।

## ଦିଲ୍ଲୀରୁ ନିଖୋଜ ନାବାଳକ କଟକ ଷ୍ଟେଶନରୁ ଉଦ୍ଧାର

କଟକ,୨୭।୪(କାର୍ତ୍ତିକ ସାହୁ)

ଆରପିଏଫ୍ ବାହିନୀ କଟକ ରେଳଷ୍ଟେଶନରୁ ଜଣେ ନିଖୋଜ ନାବାଳକଙ୍କୁ ଉଦ୍ଧାର କରିଛି। ସେ ନନ୍ଦନକାନନ ଏକ୍ସପ୍ରେସ୍‌ର ସାଧାରଣ ବଗିରେ ଯାତ୍ରା କରୁଥିବାବେଳେ ଆର୍‌ପିଏଫ୍ କର୍ମଚାରୀମାନେ ତାଙ୍କୁ ଠାବ କରିଥିଲେ। ସୂଚନା ଅନୁସାରେ, ନାବାଳକ ଜଣଙ୍କ ଦିଲ୍ଲୀରୁ ଗତ ୨୪ ତାରିଖ ସନ୍ଧ୍ୟାରୁ ନିଖୋଜ ହୋଇଥିଲେ। ତାଙ୍କ ବୟସ ୧୬ ବର୍ଷ ଏବଂ ସେ ଦଶମଶ୍ରେଣୀରେ ପାଠ ପଢ଼ନ୍ତି। ଉକ୍ତ ଦିନ ସେ ପରିବାର ଲୋକଙ୍କୁ ନ ଜଣାଇ ଘରୁ କେଉଁଆଡେ ପଳାଇଯାଇଥିଲେ। ଏନେଇ କଟକ ଆର୍‌ପିଏଫ୍‌କୁ ରେଳ ମଦଦ୍ ଅଭିଯୋଗ ନମ୍ବର ୧୩୯ରୁ ସୂଚନା ମିଳିଥିଲା। ଆର୍‌ପିଏଫ୍ ଆଇଆଇସି ଅନୀଲ ସିଂହ ଏନେଇ ସୂଚନା ପାଇବା ପରେ ସମସ୍ତ ଅଫିସିଆଲ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ତଥ୍ୟ ପ୍ରସାରିତ କରିଥିଲେ। ଏଥିସହ ନିଖୋଜ ନାବାଳକ ଉପରେ ସତର୍କ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। କଟକ ରେଳଷ୍ଟେଶନରେ ନନ୍ଦନକାନନ ଏକ୍ସପ୍ରେସ୍ ପହଞ୍ଚିବା ପରେ ଆର୍‌ପିଏଫ୍ କର୍ମଚାରୀମାନେ ସମସ୍ତ ବଗି ଯାଞ୍ଚ କରିଥିଲେ। ତେବେ ନାବାଳକ ଜଣଙ୍କ ଉଦ୍ଧାର ହେବା ପରେ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ପରିବାର ଲୋକେ ଦିଲ୍ଲୀରୁ ଆସି କଟକ ରେଳଷ୍ଟେଶନରେ ପହଞ୍ଚିଥିଲେ। ଆବଶ୍ୟକ ପ୍ରକ୍ରିୟା ଶେଷ କରିବା ପରେ ନାବାଳକଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ନାବାଳିକାଙ୍କୁ ବ୍ଲାକ୍‌ମେଲିଂ କରି ଯୁବକ ଗିରଫ

ଚୌଦ୍ୱାର,୨୭।୪(ଆଶୁତୋଷ ଦାସ)

ନାବାଳିକାଙ୍କୁ ବ୍ଲାକ୍‌ମେଲିଂ କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଚୌଦ୍ୱାର ଥାନା ଅଧୀନ ହନୁମାନ ସାହିର ମନୋଜ କୁମାର ବେହେରା(୨୨)। ପୋଲିସ ସୂଚନା ଅନୁଯାୟୀ, ମନୋଜ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମ କରୁଥିଲେ। ପରେ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଏହି ସମୟର ଫଟୋକୁ ଉଠାଇ ରଖିଥିଲେ। ପରବର୍ତ୍ତୀ ସମୟରେ ସେ ଉକ୍ତ ଫଟୋଗୁଡ଼ିକୁ ଦେଖାଇ ନାବାଳିକାଙ୍କୁ ବାରମ୍ବାର ବ୍ଲାକ୍‌ମେଲିଂ କରୁଥିଲେ। ଏଥିରେ ଅତିଷ୍ଠ ହୋଇ ନାବାଳିକା ଜଣଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୪୫/୨୪) ରୁଜୁ କରିଛି।

## ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୭।୪(ସତ୍ୟଜିତ୍ ରାଉତ)

ଜଣେ ନାବାଳିକାଙ୍କୁ ଚକୋଲେଟ୍ ଦେଇ ଅସଦାଚରଣ କରିବା ଅଭିଯୋଗରେ ସମ୍ପୃକ୍ତ ଯୁବକଙ୍କୁ ଶନିବାର ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ ସିଆର୍‌ପି ମୁଣ୍ଡା ସାହିରେ ରହୁଥିବା ଖୋର୍ଦ୍ଧା ସଦର ଥାନା ଅଞ୍ଚଳର ରଙ୍କନିଧି ମଲ୍ଲିକ (୨୮)। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନରେ ଘରେ ନାବାଳିକାଙ୍କ ମା' ନ ଥିବାବେଳେ ଅଭିଯୁକ୍ତ ରଙ୍କନିଧି ଆସିଥିଲେ। ସେ ଚକୋଲେଟ୍ ଦେଇ ନାବାଳିକାଙ୍କୁ ତାଙ୍କ ପାଖକୁ ଡାକି ଅସଦାଚରଣ ଉଦ୍ୟମ କରିଥିଲେ। ଏହି ସମୟରେ ନାବାଳିକା ଚିତ୍କାର କରିବାରୁ ପଡ଼ୋଶୀମାନେ ଆସି ରଙ୍କନିଧିଙ୍କୁ କାବୁ କରିଥିଲେ। ଏ ନେଇ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୬୭/୨୪) ରୁଜୁ କରିଛି।

## ଶ୍ରେଷ୍ଠ ଓଡ଼ିଆଣୀ ଜ୍ୟୋସ୍ନାମୟୀ, ସହଶ୍ରେଷ୍ଠ ମାନସୀ





ଉତ୍ସବରେ ଶ୍ରେଷ୍ଠ ଓଡ଼ିଆଣୀ ଜ୍ୟୋସ୍ନାମୟୀ ସେନାପତିଙ୍କୁ ପୁରସ୍କୃତ କରାଯାଉଛି।

ଭୁବନେଶ୍ୱର,୨୭।୪ (ଶର୍ମିଷ୍ଠା ପାଣିଗ୍ରାହୀ)

'ସଂଭାବନା' ପକ୍ଷରୁ ଆୟୋଜିତ ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ ଶନିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ୧୨ଟି ପର୍ଯ୍ୟାୟକୁ ଅତିକ୍ରମ କରି ଚଳିତ ବର୍ଷର ଶ୍ରେଷ୍ଠ ଓଡ଼ିଆଣୀ ଭାବେ ଜ୍ୟୋସ୍ନାମୟୀ ସେନାପତି ମୁକୁଟ ପିନ୍ଧିଛନ୍ତି। ସେହିପରି ସହଶ୍ରେଷ୍ଠ ଓଡ଼ିଆଣୀ ଭାବେ ମାନସୀ ରାଉତରାୟ ପୁରସ୍କୃତ ହୋଇଛନ୍ତି। ଅନୁଷ୍ଠାନର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ତ୍ରିପୁରା ମିଶ୍ର, ସାହିତ୍ୟିକ ଦାଶ ବେନହୁର, ସମାଜସେବୀ କସ୍ତୁରିକା ପଟ୍ଟନାୟକ ଏବଂ ୨୦୨୩ର ଶ୍ରେଷ୍ଠ ଓଡ଼ିଆଣୀ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ଦେବପ୍ରସାଦ ପରିଜା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ତ୍ରୁଷ୍ଟି ସ୍ମୃତି ମହାନ୍ତି ଏହି ପ୍ରତିଯୋଗିତାରେ ପ୍ରଥମ ଶ୍ରେଷ୍ଠ ଦଶ ସ୍ଥାନ ଅଧିକାର କରିଥିବା ଓଡ଼ିଆଣୀ ଭାବେ ସବିତା ତ୍ରିପାଠୀ, ବିଜୟଲକ୍ଷ୍ମୀ ଖଟୁଆ, ପଦ୍ମାଳୟା ଶତପଥୀ, ଡ. ନିବେଦିତା ମହାନ୍ତି, ବେବିରାଣୀ ସାହୁ, ଜ୍ୟୋସ୍ନାରାଣୀ ପାତ୍ର, ମଧୁସ୍ମିତା ଶା, ସୌଦାମିନୀ ମହାନ୍ତି ପ୍ରମୁଖଙ୍କ ନାମ ଘୋଷଣା କରିଥିଲେ। ଝୋଟି, ପିଠା, ଶଙ୍ଖଫୁଙ୍କା, ଢଗଢ଼ମାଳି, ପାରମ୍ପରିକ ସଙ୍ଗୀତ, ପାନଭଙ୍ଗା, ପୁରାଣ ଆବୃତ୍ତି, ମୁରୁଜ ପକାଇବା, ହୁଳହୁଳି, ଓଡ଼ିଆ ଭାଷାଜ୍ଞାନ, ଦଳଗତ ଆଲୋଚନା ଏବଂ ଓଡ଼ିଆଣୀ ବେଶଭୂଷା ଆଦି ପ୍ରତିଯୋଗିତାରେ ପ୍ରଥମ ୩ ସ୍ଥାନରେ ଥିବା କୃତୀ ଓଡ଼ିଆଣୀଙ୍କୁ ମଧ୍ୟ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ନାମ ଘୋଷଣା କରିବା ପରେ ୨୦୨୩ର ଶ୍ରେଷ୍ଠ ଓଡ଼ିଆଣୀ ସୌଭାଗ୍ୟଲକ୍ଷ୍ମୀ ୨୦୨୪ର ଶ୍ରେଷ୍ଠ ଓଡ଼ିଆଣୀ ଜ୍ୟୋସ୍ନାମୟୀଙ୍କୁ ରୁପା ତାରକସିର ବୋଇତ, ପୁଷ୍ପଗୁଚ୍ଛ ଓ ଖଣ୍ଡୁଆ ଶାଢ଼ି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସହଶ୍ରେଷ୍ଠ ଓଡ଼ିଆଣୀ ମାନସୀଙ୍କୁ ମଧ୍ୟ ରୁପା ତାରକସିର କୋଣାର୍କ ଚକ୍ର ଓ ଖଣ୍ଡୁଆ ଶାଢ଼ି ସହ ସମ୍ବର୍ଦ୍ଧିତ କରାଯାଇଥିଲା। ତ୍ରୁଷ୍ଟି ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପରଲୋକଗତ ପ୍ରାକ୍ତନ ଏମ୍‌ପି ନରେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଗଠିତ ନରେନ୍ଦ୍ର ପ୍ରଧାନ ଫାଉଣ୍ଡେଶନ୍ ପକ୍ଷରୁ ତାଙ୍କ ପୁତ୍ର ପିଙ୍କୀଶ୍ ପ୍ରଧାନଙ୍କ ଉପସ୍ଥିତିରେ ଶ୍ରେଷ୍ଠ ଓଡ଼ିଆଣୀଙ୍କୁ ୨୫ ହଜାର ଟଙ୍କା ଏବଂ ସହଶ୍ରେଷ୍ଠ ଓଡ଼ିଆଣୀଙ୍କୁ ୧୫ ହଜାର ଟଙ୍କାର ଉପହାର ରାଶି ପ୍ରଦାନ କରାଯାଇଥିଲା।

## 'ଢାଞ୍ଚାଗତ ବ୍ୟବସ୍ଥାକୁ ସମାଜ ସହିବା କଥା ନୁହେଁ'

ଭୁବନେଶ୍ୱର,୨୭।୪(ଶର୍ମିଷ୍ଠା ପାଣିଗ୍ରାହୀ)

ଭାରତରେ ସାମାଜିକ ସମାନତା ଆଣିବା ପାଇଁ ସମ୍ବିଧାନରେ ଯେଉଁ ଅଧିକାର ଅଛି, ତାହା ମୌଳିକ ଆଧାରରେ ନାହିଁ। ଏମିତି କିଛି ରହିଯାଉଛି, ଯେଉଁଥିପାଇଁ ଆଜି ବି ଗରିବମାନେ ଉପରକୁ ଉଠିପାରୁନାହାନ୍ତି। ସେଥିଲାଗି ମୌଳିକ ଅଧିକାରରେ ପରିବର୍ତ୍ତନ ଆବଶ୍ୟକ। ଏହି ପରିବର୍ତ୍ତନ ଆଣିବା ପାଇଁ ଯାହା କିଛି କରିବାକୁ ପଡୁ ନା କାହିଁକି, ଗୋଟିଏ ସୁସ୍ଥ ଓ ସଭ୍ୟ ସମାଜ ଏ ଦିଗରେ ଚେଷ୍ଟା କରିବା ଆବଶ୍ୟକ। ରାଜ୍ୟ ଯଦି ରାଜି ହେଉନାହିଁ ତା'ହେଲେ ମଧ୍ୟ ଏ ଦିଗରେ ପ୍ରୟାସ ଜରୁରୀ। କାରଣ ଢାଞ୍ଚାଗତ ବ୍ୟବସ୍ଥାକୁ ସମାଜ ସହିବା କଥା ନୁହେଁ ବୋଲି ପ୍ରଫେସର ପ୍ରଭାତ ପଟ୍ଟନାୟକ କହିଛନ୍ତି। ଓଡ଼ିଶା ଆଲୋଚନାଚକ୍ର ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ସୋସିଆଲ, ଫାଇନାନ୍ସିଆଲ ଆଣ୍ଡ ହ୍ୟୁମାନ ସାଇନ୍ସେସ୍ ସହଭାଗିତାରେ ଶନିବାର





କାର୍ଯ୍ୟକ୍ରମରେ ପ୍ରଫେସର ପ୍ରଭାତ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

କିଟ୍‌ଠାରେ ଚତୁର୍ଥ ବାର୍ଷିକ ମଧୁବାବୁ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଫେସର ପଟ୍ଟନାୟକ ଯୋଗଦେଇ ଦାରିଦ୍ର୍ୟ ଏବଂ ଭାରତୀୟ ସମ୍ବିଧାନ ଶୀର୍ଷକ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ପ୍ରଥମେ ନିଯୁକ୍ତିକୁ ଗୁରୁତ୍ୱ ଦେବାକୁ ହେବ। ସମସ୍ତେ କିଭଳି କାମ ପାଇପାରିବେ ସେ ନେଇ ବ୍ୟବସ୍ଥା ହେବା ଦରକାର। ଦ୍ୱିତୀୟରେ ଅର୍ଥ ଓ ଖାଦ୍ୟ ସୁରକ୍ଷା। ସରକାରଙ୍କ ତରଫରୁ ଯାହା ଖାଦ୍ୟ ବା ରାଶନ ଦିଆଯାଉଛି ତାହା ସରକାରଙ୍କ ହିସାବରେ ଦିଆଯାଉଛି। ମାତ୍ର ଜଣେ ଲୋକର ଆବଶ୍ୟକତା କ'ଣ ତାହା ସରକାର ଜାଣିନାହାନ୍ତି। ତେଣୁ ସେମାନଙ୍କ ପାଇଁ ଦିଆଯାଉଥିବା ଖାଦ୍ୟ ସେମାନଙ୍କୁ ପଚାରି ନିର୍ଦ୍ଧାରିତ ହେବା ଆବଶ୍ୟକ। ତଦ୍ୱାରା ପ୍ରକୃତରେ ଖାଦ୍ୟ ସୁରକ୍ଷା ହୋଇପାରିବ। ସେହିପରି ଲୋକଙ୍କୁ ସ୍ୱାସ୍ଥ୍ୟ ସୁବିଧା, ଉନ୍ନତ ଶିକ୍ଷା ସହ ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗଙ୍କୁ ୩ହଜାର ଟଙ୍କା ଲେଖାଏ ଭତ୍ତା ମିଳୁ। ଶେଷରେ ପଟ୍ଟନାୟକ ଅସମାନତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ଡିନ୍ ପ୍ରଫେସର କେଶବ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଫୋରମର ଗବେଷକ ଡ. ମନୋଜ ଦାସ, ବରିଷ୍ଠ ସାମ୍ବାଦିକ ରାଜେଶ ମହାପାତ୍ର, ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲର ଡା. ବିଦ୍ରୁ କଲ୍ୟାଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆଭା ମିଶ୍ର ଧନ୍ୟବାଦ ଦେଇଥିଲେ।

**ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅମିତ୍



@ ଦେବେନ୍ଦ୍ର



@ ନିରଞ୍ଜନ



@ ଶୁଭମ୍



@ ରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**ସ୍ତ୍ରୀ, ଶାଳୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ମାମଲା**



ଅଭିଯୁକ୍ତ ବିଜୟକେତନ ସେଠୀ

ଭୁବନେଶ୍ୱର,୨୭।୪(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ହାଉସିଂବୋର୍ଡ କଲୋନୀ ଇଡବ୍ଲ୍ୟୁଏସ୍-୨୩/୨ କ୍ୱାର୍ଟର୍ସରେ ଶାଳୀ ଓ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ମାମଲାରେ ଶନିବାର ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ଦୌରାଜଜ୍ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ବିଜୟକେତନ ସେଠୀଙ୍କୁ ଆଜୀବନ ଜେଲଦଣ୍ଡାଦେଶ ସହ ଦୁଇଟି ଦଫାରେ ୧୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଏହି ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ନୀତୀଶ ନିଶାଙ୍କ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

କେନ୍ଦ୍ରାପଡ଼ା ଜିଲା ହନ୍ତପଡ଼ାର ବିଜୟକେତନ ଭୁବନେଶ୍ୱରରେ ଏସି ମେକାନିକ୍ ଭାବେ କାମ କରିବା ସହ ହାଉସିଂବୋର୍ଡରେ ରହୁଥିଲେ। ତାଙ୍କ ସ୍ତ୍ରୀ ଗାୟତ୍ରୀ ୨ବର୍ଷ ହେଲା ଶାଶୁଘରେ ରହୁଥିବାବେଳେ ୨୦୨୨ ଏପ୍ରିଲ ୧୭ରେ ବିଜୟ ତାଙ୍କୁ ଭୁବନେଶ୍ୱରସ୍ଥିତ ଭଡ଼ାଘରକୁ ଆଣିଥିଲେ। ଏହି ଦମ୍ପତିଙ୍କର କୌଣସି ସନ୍ତାନ ହେଉ ନ ଥିବାରୁ ପରସ୍ପରକୁ ଦୋଷାରୋପ କରି ଝଗଡ଼ା ଲାଗୁଥିଲେ। ଏପରିକି ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଷ୍ଟାଫ୍‌ନର୍ସ ଭାବେ କାମ କରୁଥିବା ଶାଳୀ ସରସ୍ୱତୀ ମଧ୍ୟ ଗାୟତ୍ରୀଙ୍କ ପକ୍ଷ ରଖୁଥିଲେ। ଏପ୍ରିଲ ୨୧ରେ ସରସ୍ୱତୀ ଭଉଣୀଘରକୁ ଆସିଥିଲେ। ସନ୍ଧ୍ୟାରେ ଦୁଇ ଝିଅଙ୍କ ସହ କଥା ହୋଇଥିଲେ ମା' କୁନି ସେଠୀ। ହେଲେ ପରେ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ବିଜୟ ମଧ୍ୟ କଲ୍ ଉଠାଇ ନ ଥିଲେ। ସେହିଦିନ ରାତିରେ ଝଗଡ଼ା ହେବା ପରେ ବିଜୟ ଦୁଇଭଉଣୀଙ୍କୁ ହତ୍ୟା କରି ଘରେ ମୃତଦେହ ଲୁଚାଇଦେଇଥିଲେ। ଏପ୍ରିଲ ୨୪ ତାରିଖ ସକାଳେ ବାପା ସୁଦାମ ଓ ସରସ୍ୱତୀଙ୍କ ସ୍ୱାମୀ ଜିତେନ୍ଦ୍ର ହାଉସିଂବୋର୍ଡ କ୍ୱାର୍ଟର୍ସ ନିକଟରେ ବିଜୟଙ୍କୁ କାବୁ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ଘରୁ ବିଜୟଙ୍କ ଏକ ହାତଲେଖା ଚିଠି ଜବତ କରିଥିଲା। ସ୍ତ୍ରୀ ଓ ଶାଳୀ ନପୁଂସକ କହି ନିର୍ଯାତନା ଦେଉଥିବାରୁ ଉଭୟଙ୍କୁ ସେ ହତ୍ୟା କରିଥିବା ବିଜୟ ଲେଖିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୧୪୪/୨୦୨୨) ରୁଜୁ କରି ତାଙ୍କୁ ଗିରଫ କରିବା ପରେ ସେ ଜେଲ ଯାଇଥିଲେ। ୧୭ ଜଣଙ୍କ ସାକ୍ଷ୍ୟ ଓ ଅନ୍ୟ ଦସ୍ତାବିଜ୍ ଆଧାରରେ କୋର୍ଟ ଶନିବାର ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଶରଦ ଚନ୍ଦ୍ର ସାମନ୍ତ ମାମଲା ପରିଚାଳନା କରୁଥିଲେ।

